Postal Regd.No.: BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୪୬
Volum. - 21 ■ Issue No.- 46
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୦ ଅକ୍ଟୋବର - ୧୬ ଅକ୍ଟୋବର ୨୦୨୧ / 10 Oct. - 16 Oct. 2021 / Odia Weekly / 8 Pages / Rs.2/- only

## ବିଦ୍ୟୁତ କାର୍ଯ୍ୟାଳୟ ଘେରିଲେ ଭୁସ୍କିମାଲ ଗାଁର ଜନସାଧାରଣ



ସଇଁତଲା, (ନିପ୍ର) : ଭୁସ୍କିମାଲ ଗାଁରେ ଦୀର୍ଘ ୪ ମାସ ହେଲାଣି ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯାଇଛି । ଏହାକୁ ନେଇ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନ ଥିବା ବେଳେ ଆଜି ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଭୁସ୍କିମାଲ ଗାଁର ଲୋକେ ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟ ଘେରାଓ କରି ବିଭାଗୀୟ ଅଧିକାରୀଙ୍କୁ ଦୀର୍ଘ ଘଣ୍ଟା ଧରି ଘେରିବା ସହ ବକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ମତେ, ଭୁସ୍କିମାଲ ଗାଁରେ ଦୀର୍ଘ ୪ ମାସ ହେଲାଣି ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡିଯାଇଥିଲା । ଯାହାକୁ ନେଇ ଗାଁ ଲୋକେ ତାଙ୍କର ବାକିଥିବା ଲକ୍ଷେରୁ ଅଧିକ ଟଙ୍କାର ବିଲ୍ ମଧ୍ୟରୁ ୭୦ହଜାର ଟଙ୍କାର ବିଲ୍କୁ ବିଭାଗୀୟ ଅଧିକାରୀଙ୍କ ପାଖରେ ପଇଠ କରିଥିଲେ । ହେଲେ ବିଭାଗୀୟ ଅଧିକାରୀ ଏତିକି ଟଙ୍କାରେ ହୋଇ ପାରିବ ନାହିଁ ବୋଲି ଟଙ୍କାକୁ ଫେରାଇ ଦେଇଥିଲେ । ଶେଷରେ ଗ୍ରାମବାସୀମାନେ ନିରାଶ ହୋଇ ନିଜ ଘରୁ ଫେରିଥିଲେ । ପରେ ସ୍ଥାନୀୟ ନେତାମାନେ ମଧ୍ୟ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ବିଭାଗୀୟ ଅଧିକାରୀ ମାନିନଥିଲେ । ଯାହା ଫଳରେ ଲୋକେ ଅନ୍ଧାରରେ ଦିନ କାଟୁଥିଲେ ଶେଷରେ ଆଜି ବାଧ୍ୟ ହୋଇ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭାଗୀୟ ଏସ୍ଡ଼ିଓଙ୍କୁ ଦୀର୍ଘ ସମୟ ଧରି ଘେରି ଥିଲେ । ପରେ ବିଭାଗୀୟ ଏସ୍ଡିଓ ପ୍ରତିଶ୍ରୁତି ଦେବା ସହ ତୁରନ୍ତ ଉକ୍ତ ଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର ଲାଗିବ ବୋଲି କହିବା ପରେ ଲୋକେ ଓହରି ଯାଇଥିଲେ । ଏଥିରେ ଗାଁର ଶତାଧିକ ଲୋକ ସାମିଲ ହୋଇଥିଲେ ।

## ପିପିଲି ବିଧାୟକ ଭାବେ ଶପଥ ନେଲେ ଯୁବନେତା ରୁଦ୍ର ମହାରଥୀ



ପିପିଲି, (ନିପ୍ର) : ପିପିଲିର ବିଧାୟକ ଭାବେ ରୁଦ୍ରପ୍ରତାପ ମହାରଥୀ ଶପଥ ଗ୍ରହଣ କରିଛନ୍ତି । ସେ ବାଚସ୍ପତିଙ୍କ ବିଧାନସଭା ପ୍ରକୋଷ୍ଠରେ ଏହି ଶପଥ ଗ୍ରହଣ କରିଛନ୍ତି । ତାଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶପଥ କରାଇଥିଲେ । ଏନେଇ ଏକ ଟୁଇଟ କରି ବାଚସ୍ପତି କହିଛନ୍ତି ଯେ, 'ଆଜି ବିଧିବଦ୍ଧ ଭାବରେ ବିଧାନସଭାରେ ମୋ ଉପସ୍ଥିତିରେ ବିଧାୟକ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି ଶ୍ରୀ ରୁଦ୍ରପ୍ରତାପ ମହାରଥୀ । ଶପଥ ପାଠ କରି ପିପିଲିର ଜନସାଧାରଣଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ନେଲେ । ନବ ନିର୍ବାଚିତ ବିଧାୟକ ଶ୍ରୀଯୁକ୍ତ ରୁଦ୍ରପ୍ରତାପ ମହାରଥୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।'

## ଜଗତଜନନୀ ମା' ଦୁର୍ଗାଙ୍କ ନବରାତ୍ରି ପୂଜନୋତ୍ସବ



ବଲାଙ୍ଗିର, (ନିପ୍ର) : ଦଶହରା ଶୁକ୍ଳ ପକ୍ଷ ପ୍ରତିପଦାରୁ ଆରମ୍ଭ ହୁଏ ମା' ଜଗତଜନନୀ ମା' ଦୁର୍ଗାଙ୍କ ନବରାତ୍ରି ପୂଜନୋତ୍ସବ । ଶାସ୍ତ୍ରାନୁସାରେ ଏହି ପୂଜନୋତ୍ସବର ବିଶେଷ ଗୁରୁତ୍ୱ ରହିଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ଏହି ସମୟରେ ମା'ଙ୍କୁ ପୂଜାର୍ଚ୍ଚନା କରି ଅନେକ ଶୁଭଫଳ ପ୍ରାପ୍ତ ହୋଇଥାନ୍ତି । ନବରାତ୍ରି ପୂଜନୋତ୍ସବ ସମୟରେ ମା' ଦୁର୍ଗା ୯ଟି ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । କ୍ରମାନୁସାରେ ସେହି ରୂପଗୁଡ଼ିକ ହେଲା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ଜଗତରୁ ରୋଗ, କ୍ଳେଶ ଓ ନାକାରାତ୍ମକ ଶକ୍ତି ସକଳର ବିନାଶ ଅର୍ଥେ ଏହି ପୂଜନୋତ୍ସବ ପାଳନ କରାଯାଉଥିବା ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ।

## କୃଷକଙ୍କ ହତ୍ୟାର ପ୍ରତିବାଦରେ ଏଆଇକେକେଏମ୍ଏସ୍ ପକ୍ଷରୁ ବିକ୍ଷୋଭ




ବଲାଙ୍ଗିର, (ନିପ୍ର) : ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଠାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଗୁଳି ଚାଳନା ଓ ଗାଡି ଚଢ଼ାଇ କୃଷକଙ୍କୁ ହତ୍ୟା କରିଥିବା ବିଜେପି ମନ୍ତ୍ରୀ ଓ ଗୁଣ୍ଡାଙ୍କର ବର୍ବରତାର ପ୍ରତିବାଦରେ ସାରା ଭାରତ ପ୍ରତିବାଦ ଦିବସ ପାଳନ ଉପଲକ୍ଷେ ଏଆଇକେକେଏମ୍ଏସ୍ ବଲାଙ୍ଗିର ଶାଖା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି । ଏଆଇକେକେଏମ୍ଏସ୍ ପକ୍ଷରୁ କୁହାଯାଇଛି ଯେ, ଅମାନବିକ ଭାବରେ ମନ୍ତ୍ରୀଙ୍କର ପୁଅ ଗାଡି ଚଢାଇବା ଯୋଗୁଁ ୪ ଜଣ ଚାଷୀଙ୍କର ମୃତ୍ୟୁ ଘଟିଛି । ବ୍ରିଟିଶମାନଙ୍କର ଜୁଲୁମ ଅତ୍ୟାଚାରଠାରୁ ସ୍ୱାଧୀନ ଭାରତର ପୁଞ୍ଜିବାଦୀ ବିଜେପି ସରକାରଙ୍କର ଜୁଲୁମ୍ ଅତ୍ୟାଚାର ଚରମ ସୀମାରେ ପହଂଚିଛି । ବିଜେପି ସରକାରର କୃଷକଙ୍କର ଉପରେ ଦମନଲୀଳା ନରସଂହାରକୁ ଦୃଢ଼ ନିନ୍ଦା କରୁଛୁ । ଏହି ଘଟଣାକୁ ସୁପ୍ରିମକୋର୍ଟଙ୍କ ତଦାରଖରେ ଏସ୍ଆଇଟି ଦ୍ୱାରା ତଦନ୍ତ କରାଯାଉ । କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀଙ୍କର ପୁଅଙ୍କୁ ହତ୍ୟା ମାମଲାରେ ତୁରନ୍ତ ଗିରଫ କରାଯାଉ । ହିଂସା ଉସୁକାଇବା ଓ ସାମ୍ପ୍ରଦାୟିକ ଘୃଣ୍ୟ ପ୍ରଚାର କରିଥିବା କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀଙ୍କୁ ତାଙ୍କ ମନ୍ତ୍ରୀପଦରୁ ବହିଷ୍କାର କରାଯାଉ । ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବଲାଙ୍ଗିର ଜିଲ୍ଲାପାଳଙ୍କୁ ଦିଆଯାଇଥିଲା । ଏହି ପ୍ରତିବାଦ ସଭାରେ ଏଆଇକେକେଏମ୍ଏସ୍ ପକ୍ଷରୁ ସୁନିଲ ଭୋଇ, ଏଆଇଡିଏସ୍ଓ ସଂପାଦକ ମଧୁସୂଦନ ବାଗ, ଗୌରୀ ରାଉତ, ଅହଲ୍ୟା ସାହୁ, ଜୟ କିଶାନର ପୂର୍ଣ୍ଣ ବିଶ୍ୱାଳ, ବିକାଶ ଜେନା, ଋଷିକେଶ ବୁଡେକ, ଖଗେଶ୍ୱର ମହାନନ୍ଦଙ୍କ ସହ ବହୁ ସଂଖ୍ୟାରେ ପ୍ରତିବାଦକାରୀ ସାମିଲ ଥିଲେ । ରାସ୍ତା ଉପରେ ଠିଆ ହୋଇ ବହୁ ଲୋକ ପ୍ରତିବାଦକାରୀଙ୍କ ବକ୍ତବ୍ୟ ଶୁଣୁଥିଲେ ।

## ବେଦବିଦ୍ୱାନ ବ୍ରଜବିହାରୀଙ୍କ ଜୟନ୍ତୀ ବଲାଙ୍ଗିର ଦିବସ ଭାବେ ପାଳିତ




ବଲାଙ୍ଗିର, (ନିପ୍ର) : ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ବେଦବିଦ୍ୱାନ, ଦାର୍ଶନିକ ବ୍ରଜବିହାରୀ ବହିଦାରଙ୍କ ୧୦୨ତମ ଜୟନ୍ତୀ ବଲାଙ୍ଗିର ଦିବସ ଭାବେ ପାଳିତ ହୋଇଯାଇଛି । ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଆଲୋଚକ ଭାବେ ବଲାଙ୍ଗିର ରାଜେନ୍ଦ୍ର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଏଡମିନିଷ୍ଟ୍ରେସନର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୃଷେଠ, ପ୍ରମେୟର ଡିଜିଏମ୍ ଅଖିଳ ଚନ୍ଦ୍ର ହୋତା ଏବଂ ଧରିତ୍ରୀ ଜିଲ୍ଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦେଇ ବ୍ରଜବିହାରୀଙ୍କ ସାହିତ୍ୟ କୃତି ଏବଂ ବଲାଙ୍ଗିର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅତିଥିମାନେ ବ୍ରଜବିହାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସାଂସ୍କୃତିକ ଅନୁଷ୍ଠାନ ପଂଚମର କଳାକାରମାନେ ବାଦ୍ୟ ବିଚିତ୍ରା ପରିବେଷଣ କରିଥିଲେ । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପରିଷଦ ଆବାହକ ବୀରେନ୍ଦ୍ର କୁମାର ବନଛୋର ପ୍ରାରମ୍ଭିକ ସୂଚନା ଦେଇ ଦାର୍ଶନିକ ବ୍ରଜବିହାରୀଙ୍କ ଜନ୍ମଦିନକୁ ବଲାଙ୍ଗିର ଦିବସ ରୂପେ ପ୍ରତ୍ୟେକ ବର୍ଷ ଭବ୍ୟ ସମାରୋହରେ ପାଳନ କରିବାକୁ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ନିବେଦନ କରିଥିଲେ । ସଭାପତିଙ୍କ ଅଭିଭାଷଣରେ ପରିଷଦ ସଭାପତି ଶ୍ରୀ ପଟ୍ଟନାୟକ ମହାନ ଦାର୍ଶନିକଙ୍କୁ ମନେ ପକାଇବା ପାଇଁ ବଲାଙ୍ଗିର ଦିବସର ପରିକଳ୍ପନା ବୋଲି କହିଥିଲେ । ଅତିଥି ବକ୍ତାମାନେ ବ୍ରଜବିହାରୀ କିଭଳି ଭାରତୀୟ ଦର୍ଶନ ଓ ଅଧ୍ୟାତ୍ମ ଚିନ୍ତନ ଉପରେ କଲମ ଚାଳନା କରି ବଲାଙ୍ଗିର ମାଟିକୁ ଧନ୍ୟ କରିଥିବା ସଂପର୍କରେ ଆଲୋଚନା କରିଥିଲା । ଆଲୋଚକ ଡ. ପୃଷେଠ ତାଙ୍କ ବକ୍ତବ୍ୟରେ ବ୍ରଜବିହାରୀଙ୍କୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ସହ ତୁଳନା କରି ତାଙ୍କ ସମ୍ମାନରେ ଏକ ଡାକ ଟିକଟ ପ୍ରକାଶନ, ବଲାଙ୍ଗିର-ଖୋର୍ଦ୍ଧା ରେଳପଥ ଟ୍ରେନ୍କୁ ବ୍ରଜବିହାରୀ ଏକ୍ସପ୍ରେସ୍ ଭାବେ ନାମକରଣ କରିବା ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବ୍ରଜବିହାରୀ ଚେୟାର ପ୍ରତିଷ୍ଠା କରାଯିବା ଦିଗରେ ପ୍ରସ୍ତାବ ରଖିଥିଲେ । ଯୁବକବି ରାଜୀବ ଲୋଚନ ଆଚାର୍ଯ୍ୟ ସଭା ସଂଚାଳନ କରିଥିଲେ ।

ଶ୍ରୋତାମାନଙ୍କ ମଧ୍ୟରୁ ଅଧ୍ୟାପକ କିଶୋର ପାଣିଗ୍ରାହୀ, ଏକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ ଓ ଟଙ୍କିଆ ଜାମର ଅଧ୍ୟକ୍ଷ ଗୋପାଳ ହୋତା ବଲାଙ୍ଗିର ଦିବସର ଯଥାର୍ଥତା ସମ୍ପର୍କରେ ଏହି ଅବସରରେ ବକ୍ତବ୍ୟ ରଖିଥିଲେ । କବି ରତ୍ନମୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## କୋଭିଡ୍ କଟକଣା ମାନି ନବଦୁର୍ଗା ପୂଜା କରିବାକୁ ଘୋଷଣା କଲା ବଲାଙ୍ଗିର ଦେବୋତ୍ତର ବିଭାଗ

ବଲାଙ୍ଗିର, (ନିପ୍ର) : କୋଭିଡ୍ କଟକଣା ମାନି ନବଦୁର୍ଗା ପୂଜା କରିବାକୁ ଘୋଷଣା କରିଛି ବଲାଙ୍ଗିର ଦେବୋତ୍ତର ବିଭାଗ । ଘୋଷଣାରେ କୁହାଯାଇଛି - ବଲାଙ୍ଗିର ଉପଖଣ୍ଡ ସ୍ଥିତ ସମସ୍ତ ଦେବୀ ମନ୍ଦିରର ପୃଷ୍ଠପୋଷକ, ପୂଜକ, ମନ୍ଦିର କମିଟି ସଦସ୍ୟ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରାଗଲା ଯେ, ଚଳିତ ବର୍ଷ ତା୦୬/୧୦/୨୦୨୧ ଠାରୁ ତା୧୫/୧୦/୨୦୨୧ ପର୍ଯ୍ୟନ୍ତ ପବିତ୍ର ଦଶହରା ନବରାତ୍ର ପୂଜା, ମହାମାରୀ କରୋନା ସଂକ୍ରମଣ ପାଇଁ ଜାରି ରହିଥିବା କଟକଣା ହେତୁ ତଥା ରାଜ୍ୟ ସରକାରଙ୍କ କୋଭିଡ୍-୧୯, ତା୦୧/୧୦/୨୦୨୧ ମାର୍ଗଦର୍ଶିକା ଅନୁଯାୟୀ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ ଦେବୀମନ୍ଦିର ମାନଙ୍କରେ ନିରାଡମ୍ବର ସହକାରେ ବିନା ଭକ୍ତ ଜନସମାଗମରେ କେବଳ ପରଂପରା ଏବଂ ବିଧିରକ୍ଷା ପୂର୍ବକ ଅନୁମତିପ୍ରାପ୍ତ ମନ୍ଦିର ପୂଜକ ଏବଂ ସେବକ (୨୦ଜଣରୁ ୨୫ ଜଣ)ଙ୍କୁ ନେଇ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ସହ ମାକ୍ସ ପରିଧାନ କରି ନବରାତ୍ର ପୂଜା ଯଥା ରୀତିନୀତି ଅନୁଯାୟୀ ଆୟୋଜନ କରିବେ । ମହାମାରୀ କରୋନା ସଂକ୍ରମଣ ଏଡ଼ାଇବା ସକାଶେ ଅଯଥା ଦେବୀ ମନ୍ଦିରମାନଙ୍କରେ ଭିଡ଼ ନ କରିବାକୁ ନିବେଦନ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଇନ ପାଳନ ପାଇଁ ବଲାଙ୍ଗିର ଉପଖଣ୍ଡର ଜନ ସାଧାରଣଙ୍କ ସହଯୋଗ କାମନା କରାଯାଇଛି । ସଚେତନ ରହିବା ଦ୍ୱାରା ହିଁ କରୋନାରୁ ମୁକ୍ତି ମିଳିବ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ : ଅସମାନ ଦୁନିଆଁରେ ମାନସିକ ସ୍ୱାସ୍ଥ୍ୟ

- ପ୍ରଫେସର ଡା. ଅଶୀର୍ବାଦ ଶତପଥି



ଆଜି ବିଶ୍ୱ ସାନସିକ ସ୍ୱାସ୍ଥ୍ୟ ଦିବସ । ୧୦ ଅକ୍ଟୋବରକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ରୂପେ ସାରା ବିଶ୍ୱ ପାଳନ କରେ । 'ଅସମାନ ଦୁନିଆଁରେ ମାନସିକ ସ୍ୱାସ୍ଥ୍ୟ' ଏଥର ବିଷୟ ବସ୍ତୁ ରହିଛି । ମାନସିକ ସ୍ୱାସ୍ଥ୍ୟ ଓ ଏହାର ପ୍ରଭାବର ଇତିହାସ ବହୁ ପୁରୁଣା । ଏହାକୁ ନେଇ ବିଭିନ୍ନ ଧର୍ମ ପୁରାଣରେ ମଧ ଅନେକ ଘଟଣା ବର୍ଣ୍ଣିତ ରହିଛି । ବିଭିନ୍ନ ଚରିତ୍ର ମାନସିକ ରୋଗର ଶିକାର ହୋଇ ଅଯଥା ହଇରାଣ ହୋଇଛନ୍ତି । ବର୍ତ୍ତମାନ ସମାଜର ଅବସ୍ଥା ଚିନ୍ତା କଲେ ଉଭୟ ଅର୍ଥନୈତିକ, ସାମାଜିକ ଦୃଷ୍ଟିକୋଣରୁ ଜନ ସାଧାରଣଙ୍କ ମଧରେ ଅସମାନତା ବଢିଛି । ତା' ସଙ୍ଗେ ସଙ୍ଗେ ବଢିଛି ମାନସିକ ଦୁଶ୍ଚିନ୍ତା ଓ ମାନସିକ ରୋଗ । ଆଜିର ଦୁନିଆଁ ଦିନକୁ ଦିନ ଆହୁରି ଧୃବୀକରଣ ହେବାକୁ ବସିଛି । ଧନୀ ଅଧିକ ଧନୀ ହେଉଥିବା ବେଳେ ଗରିବ ଆହୁରି ଗରିବ ହେଉଛନ୍ତି । ସେହିପରି ଜାତି ବର୍ଗ ଭାବନାକୁ ନେଇ ମଧ ଲୋକଙ୍କ ମନରେ ଅସାମଞ୍ଜସ୍ୟ ବଢୁଥିବା ଦେଖା ଦେଉଛି । ତୃତୀୟ ଦୁନିଆଁର ଦେଶ ଗୁଡିକର କଥା ଦୂରେ ଥାଉ, ଆମେରିକାର ବହୁ ଚର୍ଚ୍ଚିତ ଡେଭିଡ ଲଏଡ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ । ଏହି ଅସାମଞ୍ଜସ୍ୟ ପାଇଁ ଲୋକଙ୍କ ମନରେ ଉଦ୍‌ବେଗ ବଢିବାରେ ଲାଗିଛି, ଯାହା ମାନସିକ ଦୁଶ୍ଚିନ୍ତା ଓ ରୋଗକୁ ଆହୁରି ପ୍ରସାରିତ କରୁଛି ।

ବିଜ୍ଞାନ ଯୁଗର ଏହି ସ୍ୱାସ୍ଥ୍ୟ ସର୍ବସ୍ୱ ସମୟରେ ମଧ ଅନେକ କ୍ଷେତ୍ରରେ ସଚେତନତାର ଅଭାବ ପରିଲକ୍ଷିତ ହେଉଛି । ମାନସିକ ସ୍ୱାସ୍ଥ୍ୟ ଦିଗରେ ଏହାର ହାର ଅଧିକ । ଅକାରଣେ ଜଣକ ବ୍ୟବହାରରେ ପରିବର୍ତ୍ତନ, ଚିଡିଚିଡା ଅନୁଭବ କରିବା, ଭୟ କରିବା, ସନ୍ଦେହ କରିବା ମାନସିକ ଅବସାଦର ସାଧାରଣ ଲକ୍ଷଣ । ଅନେକ ଘଟଣାରେ ପରିବାର, ବନ୍ଧୁବର୍ଗ ଏହାକୁ ଅନୁଭବ କରିବା ପରେ ଏହା ଦୂରାତ୍ମା ବା ଗୁଣୀ ଗାରିଡିର ପ୍ରଭାବ ବୋଲି ମନେ କରି ଗୁଣିଆଙ୍କ ସାହାଯ୍ୟ ଲୋଡନ୍ତି । ଏପରି ଅବସ୍ଥାରେ ସେମାନେ ସଚେତନ ହେବା କଥା ଯେ, ଏହା ଏକ ରୋଗର ଲକ୍ଷଣ, ଯାହା ଚିକିତ୍ସା ସାପେକ୍ଷ ।

କେତେକ କ୍ଷେତ୍ରରେ ଲୋକେ ସଚେତନ ଥିଲେ ମଧ ମାନସିକତା ଅଭାବରୁ ଚିକିତ୍ସାରୁ ବଞ୍ଚିତ ରହୁଛନ୍ତି । ସମୁଦ୍ରରେ ବରଫ ପାହାଡ ଯେପରି କେବଳ ୧୦ ପ୍ରତିଶତ ଉପରକୁ ଦେଖା ଯାଉଥାଏ କିନ୍ତୁ ତାହାର ପ୍ରକୃତ ଆକାରର ୯୦ ପ୍ରତିଶତ ପାଣି ଭିତରେ ଥାଏ, ସେହିପରି ସମାଜରେ ପ୍ରକୃତ ମାନସିକ ରୋଗୀଙ୍କ ମଧରୁ ସାମାନ୍ୟ କିଛି ରୋଗୀ ମାତ୍ର ଚିକିତ୍ସା ପାଇଁ ଡାକ୍ତର ପାଖକୁ ଆସିଥାନ୍ତି । ଏଭଳି କ୍ଷେତ୍ରରେ ସାମାଜିକ ସଚେତନତା ହିଁ ରୋଗରୁ ଦୂରେଇ ରହିବାର ଏକମାତ୍ର ଉପାୟ । ସାମଜିକ ଘୃଣାଭାବ, ରୋଗରେ ପ୍ରସାର ଓ ଚିକିତ୍ସାର ଅବହେଳା ଏହାର ଅନ୍ୟତମ ପ୍ରମୁଖ କାରଣ । ରୋଗାକ୍ରାନ୍ତ ଜାଣିଶୁଣି ଲୋକଲଜ୍ୟାରୁ ବଞ୍ଚିବା ପାଇଁ ଡାକ୍ତର ପାଖକୁ ଯିବାକୁ କୁଣ୍ଠାବୋଧ କରନ୍ତି ଲୋକେ । ଏପରିକି ରୋଗାକ୍ରାନ୍ତ ଥିବା ଜଣାପଡିଲେ, ପୁଅ ଝିଅର ବାହାଘର ଠିକ୍ ହେବା ମଧ କଷ୍ଟକର ହୋଇପଡେ । ଲୋକେ ଭୁଲି ଯାଆନ୍ତି ଯେ, ଶାରୀରିକ ରୋଗ ଭଳି ମାନସିକ ରୋଗ ମଧ ଚିକିତ୍ସା ସାପେକ୍ଷ । ଆବଶ୍ୟକୀୟ ଚିକିତ୍ସା କରାନଗଲେ ଆତ୍ମହତ୍ୟା ପ୍ରବଣତା ଏହାର ଭୀଷଣ ପରିଣତ ହୋଇପାରେ । ଚିକିତ୍ସାରେ ଅବହେଳା ଯୋଗୁଁ ଏହି ସମସ୍ୟା ଧୀରେ ଧୀରେ ବଢିବାରେ ଲାଗିଛି । ବ୍ୟବସାୟରେ ବଡ ବିଫଳତା, ଅର୍ଥ ଚିନ୍ତା, ପଢା ପଢି ଚିନ୍ତା, ସଂପର୍କରେ ଫାଟ, ଅବସାଦଗ୍ରସ୍ତ ହୋଇ ରହିବା, ସ୍କୁଲ କଲେଜରେ ସାଙ୍ଗସାଥୀମାନେ ମାତ୍ରାଧିକ ଭାବେ ଚିଡାଇବା ଆତ୍ମହତ୍ୟାର ମୁଖ୍ୟ କାରଣ । ରୋଗାଗ୍ରସ୍ତ ବ୍ୟକ୍ତି ସମସ୍ୟାର ନିରାକରଣ ପାଇଁ ନିଜ ସମସ୍ୟାକୁ ପରିବାର, ବନ୍ଧୁବର୍ଗ ପାଖରେ ଖୋଲାଖୋଲି ଭାବେ ରଖିବା ଗୁରୁତ୍ୱପୁର୍ଣ୍ଣ । ଏହା ସହ ସମସ୍ୟା ଜାଣିବା ପରେ ପରିବାରବର୍ଗ ରୋଗୀଙ୍କୁ ଡାକ୍ତରଙ୍କୁ ଦେଖାଇ ତାର ଚିକିତ୍ସା କରାଇବା ସହିତ ରୋଗୀଙ୍କୁ ଉତ୍ସାହିତ କରି ରଖିବା ଆବଶ୍ୟକ । ତେବେ ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ କରିବାର ୫ଟି ମୁଖ୍ୟ ପଦକ୍ଷେପ ରହିଛି । ସେଗୁଡିକ ହେଲା – ରୋଗୀମାନେ ବନ୍ଧୁ ପରିବାର, ପ୍ରିୟଜନଙ୍କ ସଂପର୍କରେ ସର୍ବଦା ରହିବା, ପ୍ରତିଦିନ କିଛି ବ୍ୟାୟାମ, ଯୋଗ ବା ଅଧ୍ୟାତ୍ମିକ କାର୍ଯ୍ୟରେ ଲିପ୍ତ ରହିବା, ନୂଆ ନୂଆ କିଛି ଶିଖିବା, ଜାଣିବା ପାଇଁ ପ୍ରୟାସ କରିବା, ଅନ୍ୟମାନଙ୍କ ପ୍ରତି ଦୟାବାନ ହେବା ତଥା ନିଜର ଚିନ୍ତନ ପ୍ରକ୍ରିୟା ପ୍ରତି ଯତ୍ନବାନ ହେବା । ଏସବୁ ପ୍ରଚେଷ୍ଟା କଲେ ହୁଏତ ଆମେ ସମସ୍ତେ ନିହାତି ମାନସିକ ରୋଗରୁ ଦୂରେଇ ରହି ପାରିବା ବୋଲି ବିଶ୍ୱାସ ।

# ପୁରୀ ବେଳା ଭୂମିରେ ଅଜାଦୀ କୀ ଅମୃତ ମହୋତ୍ସବ ପାଳନ




ପୁରୀ, (ନିପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଜାଦୀ କୀ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ପୁରୀ ବେଳା ଭୂମି ଠାରେ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟାବରଣ ମନ୍ତ୍ରୀ ଅଶ୍ୱିନୀ ଚୌବେ, ଭୁବନେଶ୍ୱର ସାଂସଦ ତଥା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଏବଂ ପୁରୀ ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ , ବେଳାଭୂମି ସୌନ୍ଦର୍ଯ୍ୟକରଣ, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚ୍ନା ହୋଇଥିବା ବେଳେ ପୁରୀ ଜିଲ୍ଲାପାଳ ଏବଂ ସମସ୍ତ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେରେ ସାର ଗୋଦାମ ଉପରେ ଚଢ଼ାଉ



ଟିଟିଲାଗଡ଼, (ନିପ୍ର) : ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ଅଂଚଳରେ ସାର କଳାବଜାରୀ ଅଭିଯୋଗ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି । ଟିଟିଲାଗଡ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନେତୃତ୍ୱରେ ଟିଟିଲାଗଡ ବ୍ଲକର ଚୋରମରା, ପିପଲଦୁନି ଓ ବିଜେପୁର ଅଂଚଳର ବିଭିନ୍ନ ପଂଜିକୃତ ସାର ବିକ୍ରେତାଙ୍କ ଗୋଦାମ, ଦୋକାନ ଆଦି ଉପରେ ଚଢାଉ କରି ୩୯ ବସ୍ତା ସାର ଜବତ ସହ ତିନୋଟି ଗୋଦାମ ସିଲ୍ କରିଥିବା ଜଣାପଡିଛି । ଚଢାଉ ବେଳେ କେଉଁଠି ଷ୍ଟକ ଖାତା ସହ ଗୋଦାମ ଷ୍ଟକ ମେଳ ଖାଉ ନଥିଲା ତ ଆଉ କେଉଁଠି କାଗଜପତ୍ରରେ ହିଁ ଷ୍ଟକ ଥିବା ପ୍ରଶାସନ ଜାଣିବାକୁ ପାଇଛି ।ତେବେ ଏହି ସିଲ୍ ଗୋଦାମ ଗୁଡିକର କାଗଜାତ୍ ଯାଂଚ ପରେ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିଟିଲାଗଡ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସୂଚନା ଦେଇଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ଚାଷୀମାନେ ସାର କଳାବଜାର ଯୋଗୁଁ ନାନା ପ୍ରକାର ହଇରାଣ ହେବାରେ ଲାଗିଛନ୍ତି । ଛୋଟିଆ ବେପାରୀମାନେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସାର ଷ୍ଟକିଷ୍ଟମାନଙ୍କ ପାଖରୁ କିଣି ନେଇ ଅଧିକ ଦରରେ ବିକ୍ରି କରୁଥିବା ଭଳି ସଂଗୀନ ଅଭିଯୋଗ ଦୀର୍ଘ ଦିନରୁ ହୋଇଆସୁଥିଲା । ଉପଜିଲ୍ଲାପାଳଙ୍କ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ସଂପାଦକୀୟ

# ଦରବୃଦ୍ଧି

ଦରବୃଦ୍ଧି ଏବେ ସାରା ଦେଶବାସୀଙ୍କ ଉପରେ ଦାଉ ସାଧିବା ଆରମ୍ଭ କରିଦେଇଛି । ପେଟ୍ରୋଲ ଓ ଡିଜେଲ୍ ଦର ଆକାଶ ଛୁଆଁ ହୋଇ ସାରିଥିବା ବେଳେ ଲିଟର ପିଛା ଶହେ ପାର୍ କରି ସାରିଲାଣି । ଚାଷୀଙ୍କ ଠୁ ଆରମ୍ଭ କରି ସାଧାରଣ ଜନତା ବି ତ୍ରାହି ତ୍ରାହି ଡାକିଲେଣି । ଏତିକି ବେଳେ ଅନ୍ୟାନ୍ୟ ରେସନ ସାମଗ୍ରୀର ଦର ମଧ୍ୟ ବଢ଼ି ବଢ଼ି ଚାଲିଛି । ଖାଇବା ତେଲର ବଜାର ଦର ଯେମିତି ବଢ଼ି ଚାଲିଛି ଡାଲି, ଚାଉଳର ମୂଲ୍ୟ ବି ସେମିତି ବଢ଼ିବାରେ ଲାଗିଛି । ଏବେ ପୁଣି ପିଆଜ ଦରବୃଦ୍ଧି ଆଡ଼କୁ ପାଦ ଲମ୍ୱାଇଲାଣି । ଦେଖୁ ଦେଖୁ ୫୦ ଟଙ୍କାକୁ ଛୁଇଁଲାଣି ପିଆଜ କିଲୋ ପିଛା ।

ଏଠାରେ ସୂଚନାଯୋଗ୍ୟ ଯେ, ପିଆଜ ରୋଷେଇ ଶାଳର ଏକ ଅଭିନ୍ନ ଅଙ୍ଗ ପାଲଟିଥିବା ବେଳେ ଏହାର ଦରବୃଦ୍ଧି ଗରିବ ଠୁ ଧନୀ ଲୋକଙ୍କ ଯାଏଁ ବେଶ୍ ପ୍ରଭାବ ପକାଏ । ଏଭଳି ସ୍ଥିତିରେ ସରକାର ଯେତିକି ସଚେତନ ହେବା ଉଚିତ, ତାହା ଦେଖାଯାଉ ନଥିବା ବେଳେ ସରକାର ନାନା ପ୍ରକାର ସମାଲୋଚନାର ଶିକାର ମଧ୍ୟ ହେଉଛନ୍ତି ।

ପନିପରିବା ଠୁ ଆରମ୍ଭ କରି ଫଳମୂଳ ଯାଏଁ ସବୁର ଦରବୃଦ୍ଧି ଏବେ ମାର୍କେଟକୁ ପଶୁ ପଶୁ ଅନୁଭବ କରି ହେଉଛି । ଏଭଳି ସ୍ଥିତିରେ ଜଣେ ଗରିବ ଲୋକ ନିଜ କୁଟୁମ୍ବ ପ୍ରତିପୋଷଣ କରିବା କାଠିକର ହୋଇ ପଡ଼ିଛି । ଅବଶ୍ୟ ସରକାରଙ୍କ ତରଫରୁ ଗରିବ ଲୋକେ ଚାଉଳ ପାଉଛନ୍ତି ନିଜ ପଡ଼ିକାର୍ଡ଼ରୁ । କିନ୍ତୁ କେବଳ ଚାଉଳରେ କାମ ସରିବନାହିଁ । ଅନ୍ୟ ଯେଉଁ ଜିନିଷ ଉପରେ ବି ହାତ ମାରିଲେ ସବୁ ଦରବୃଦ୍ଧିରେ ନିଆଁ ଭଳି ଜଳୁଛି । ଏଭଳି ଅବସ୍ଥାରେ ଗରିବ ବାପୁଡ଼ା କାହାକୁ ଗୁହାରିବ ଆଉ କାହା ପାଦ ଧରି ଏମିତି ନିଆଁ ଭଳି ଜଳୁଥିବା ଦରବୃଦ୍ଧିର ଦରିଆ ପାରିହେବ, ତାହା ନିହାତି ଚିନ୍ତାଜନକ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କରୋନା ସଂକ୍ରମଣ ଯୋଗୁଁ ସାଧାରଣ ଜନଜୀବନ ପାଖାପାଖି ଦୀର୍ଘ ଦୁଇ ବର୍ଷ ହେବ ତଳିତଳାନ୍ତ ହୋଇ ସାରିଥିବା ବେଳେ ଏବେ ଏବେ ଲୋକେ ପୁଣି ନିଜ ନିଜ କାମ ଧନ୍ଦାକୁ ଓହ୍ଲାଇବା ଆରମ୍ଭ କରିଛନ୍ତି । କିନ୍ତୁ ଏଭଳି ସ୍ଥିତିରେ ସେମାନଙ୍କ ପାଇଁ କାଳ ସାଜିଛି ଦରବୃଦ୍ଧି ସମସ୍ୟା । ଏଥିପ୍ରତି ସରକାର ସହୃଦୟତାର ସହ ଚିନ୍ତା କରିବା ନିହାତି ଆବଶ୍ୟକ ।

# ବର୍ଦ୍ଧିତ ୟୁରିକ୍ ଏସିଡ୍ ନିୟନ୍ତ୍ରଣ କରିବା ପାଇଁ ଫଳପ୍ରଦ ଅମୃତଭଣ୍ଡା



ୟୁରିକ୍ ଏସିଡ୍ ବୃଦ୍ଧି ଶରୀରର ମାଂସପେଶୀରେ ପ୍ରଦାହ ସୃଷ୍ଟି କରେ । ଏହା ସହିତ ଏଥିଯୋଗୁଁ ଶରୀରର ଅନେକ ଅଙ୍ଗରେ ମଧ ଯନ୍ତ୍ରଣା ହୁଏ । ଏହି ଯନ୍ତ୍ରଣା ଶରୀରର ଅନେକ ସ୍ଥାନରେ ଦେଖାଯାଏ । ଯେତେବେଳେ ଏହି ସମସ୍ୟା ବଢ଼େ, ଲୋକମାନେ ଆର୍ଥ୍ରାଇଟିସ୍ ବ୍ୟତୀତ ଅନ୍ୟାନ୍ୟ ଅନେକ ରୋଗର ଶିକାର ହୁଅନ୍ତି ।

କିଛି ଖାଇବାବେଳେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ । କିଡନୀ ୟୁରିକ୍ ଏସିଡ୍ ଫିଲ୍ଟର୍ କରି ଶରୀରରୁ ବାହାର କରିଥାଏ । କିନ୍ତୁ ଯେତେବେଳେ କିଡନୀ ୟୁରିକ୍ ଏସିଡ୍ ଫିଲ୍ଟର୍ କରିବାରେ ଅସମର୍ଥ ହୁଏ, ସେତେବେଳେ ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ଆରମ୍ଭ ହୁଏ । ପାଦରେ ଫୁଲା, ସୁଗର ଲେବେଲ୍ ବଢ଼ିବା ଏବଂ କିଡନୀରେ ପଥୁରୀ ହେବା ସହିତ କିଡନୀ ଫେଲ୍ ହେବାର ଆଶଙ୍କା ବଢ଼ିଯାଏ ।

ଏକ ଅନୁସନ୍ଧାନ ଅନୁଯାୟୀ, ୟୁରିକ୍ ଏସିଡ୍ ବୃଦ୍ଧି ଜୀବନକୁ ପ୍ରାୟ ୧୧ ବର୍ଷ ହ୍ରାସ କରିଥାଏ ଏବଂ କିଡନୀ ସହିତ ହାର୍ଟରେ ଅସୁବିଧା, ମଧୁମେହ, ଷ୍ଟ୍ରୋକ୍ ହେବାର ଆଶଙ୍କା ମଧ ବହୁଗୁଣିତ ହୋଇଥାଏ । ସେଥିପାଇଁ ଏହାକୁ ଠିକ୍ ସମୟରେ ନିୟନ୍ତ୍ରଣ କରିବା ଆବଶ୍ୟକ । କଂଚା ଅମୃତଭଣ୍ଡା ୟୁରିକ୍ ଏସିଡ୍ ନିୟନ୍ତ୍ରଣ କ୍ଷେତ୍ରରେ କେତେ ଫଳପ୍ରଦ, ଆସନ୍ତୁ ଜାଣିବା ।

ୟୁରିକ୍ ଏସିଡ୍ ରୋଗୀଙ୍କ ପାଇଁ ଅମୃତଭଣ୍ଡା ବହୁତ ଉପାଦେୟ । କାରଣ ଏଥିରେ 'ପେପେନ୍' ନାମକ ଏକ ପ୍ରୋଟୋଲାଇଟିକ୍ ଏନଜାଇମ୍ ଥାଏ ଯାହା ଏକ ପ୍ରାକୃତିକ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଅଟେ । ଏହା ଶରୀରକୁ କ୍ଷାରୀୟ ଅବସ୍ଥାରେ ରଖିବାରେ ସାହାଯ୍ୟ କରିଥାଏ ଏବଂ ରକ୍ତରେ ୟୁରିକ୍ ଏସିଡ୍ ସୃଷ୍ଟିକୁ ରୋକିବାରେ ସାହାଯ୍ୟ କରିଥାଏ । ଏହା ସହିତ ଏହା ପ୍ରୋଟିନ୍ ହଜମ କରିବାରେ ସାହାଯ୍ୟ କରେ ।

ୟୁରିକ୍ ଏସିଡ୍ ସମସ୍ୟା ପାଇଁ ଏମିତି କରନ୍ତୁ । ଏକ କଂଚା ଅମୃତଭଣ୍ଡା ନିଅନ୍ତୁ ଓ ଏହାର ମଞ୍ଜି ବାହାର କରି ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ । ଏହା ପରେ ଏହାକୁ ୨ ଲିଟର ପାଣିରେ ୫-୭ ମିନିଟ୍ ପାଇଁ କମ୍ ନିଆଁରେ ଫୁଟାନ୍ତୁ । ଏହାକୁ ଥଣ୍ଡା କରିବା ପରେ ଫିଲ୍ଟର୍ କରନ୍ତୁ ଏବଂ ତା'ପରେ ଦିନକୁ ୨ ରୁ ୩ ଥର ପିଅନ୍ତୁ । ଦେଖିବେ, ଏଥିରୁ ବେଶ୍ ଲାଭ ମିଳିବ ।

## ଆଦର୍ଶ ପାଠାଗାରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ରାଉରକେଲା, (ନିପ୍ର) : ସହରର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ତରଫରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । କୋଭିଡ ନିୟମ ପାଳନ କରାଯାଇ ପାଠାଗାରର ସଭାପତି ଇଂ ଅଭୟ କୁମାର ଦାସଙ୍କ ସଭାପତିତ୍ୱ ଓ ସାଧାରଣ ସଂପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୃଷିକେଶ ରାୟ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଛାତ୍ରଛାତ୍ରୀ ଶ୍ରେୟସୀ ସାହୁ, ଅସ୍ମିତ ଅନୁଭବ ପାଣି, ଓମକାର ମହାପାତ୍ର ଓ ଆଦ୍ୟାଶା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସ ସଭାପତିତ୍ୱ ଅଭିଭାଷଣ ସହ ଗୋପବନ୍ଧୁଙ୍କ ବାର୍ତ୍ତାରେ ଆତ୍ମନିର୍ଭରଶୀଳତା ଓ ଏହାର ଉଦାହରଣ ସତ୍ୟବାଦୀ ବନ ବିଦ୍ୟାଳୟ ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ ଯେ ଗୋପବନ୍ଧୁ ଥିଲେ ଜାତୀୟ ଅସ୍ମିତାର ପରିଚୟ । ଯେବେ ଓଡିଶାରେ ପତ୍ରପତ୍ରିକା କଥା ଅକଳ୍ପନୀୟ ଥିଲା ସେତେବେଳେ ସେ ସତ୍ୟବାଦୀ ଓ ସମାଜ ଖବରକାଗଜର ପ୍ରକାଶନ କରି ଉଦାହରଣ ସୃଷ୍ଟି କରିଥିଲେ । ସେ ଜଣେ ସଂସ୍କାରୀ ବ୍ୟକ୍ତିତ୍ୱ ଥିଲେ । ସେ ଏକାଧାରରେ ଜଣେ ସାମ୍ବାଦିକ, ସଂସ୍କାରକ, ଶିକ୍ଷାବିତ୍, ସଂଗଠକ, ଉଦାରବାଦୀ ତଥା ଛାତ୍ର ଜୀବନରେ କର୍ତ୍ତବ୍ୟ ବୋଧନୀ ସଭାର ପ୍ରତିଷ୍ଠାତା ଥିଲେ । ସମ୍ମାନିତ ଅତିଥିମାନେ ଗୋପବନ୍ଧୁଙ୍କ ଜୀବନୀ ତଥା ସାରସ୍ୱତ ସାଧନା ସଂପର୍କରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କନିଷ୍ଠ ପ୍ରବନ୍ଧ ବିଭାଗରେ ଆପ୍ତି ମହାପାତ୍ର ପ୍ରଥମ, ମୟଙ୍କ ବେହେରା ଦ୍ୱିତୀୟ, ଶ୍ରେୟସୀ ସାହୁ ଓ ଅର୍ପିତା ବେହେରା ତୃତୀୟ, ବକ୍ତୃତା ପ୍ରତିଯୋଗିତାରେ ଶ୍ରେୟସୀ ସାହୁ ପ୍ରଥମ, ଅସ୍ମିତ ଅନୁଭବ ପାଣି ଦ୍ୱିତୀୟ, ଶର୍ମିଷ୍ଠାରାଣୀ ରାଉତ ଓ ସାଇ ଅଂଶୁମାନ କୁଅଁର ତୃତୀୟ, ବରିଷ୍ଠ ପ୍ରବନ୍ଧ ବିଭାଗରେ ଓମକାର ମହାପାତ୍ର ପ୍ରଥମ, ଶୁଭଶ୍ରୀ ଆଚାର୍ଯ୍ୟ ଦ୍ୱିତୀୟ, ବୈଷ୍ଣବୀ ମଣ୍ଡଳ ଓ ଆସ୍ଥା ସମୃଦ୍ଧି ତୃତୀୟ, ବକ୍ତୃତା ପ୍ରତିଯୋଗିତାରେ ଓମ୍‌କାର ମହାପାତ୍ର ପ୍ରଥମ, ଆଦ୍ୟାଶା ପାଣିଗ୍ରାହୀ ଦ୍ୱିତୀୟ, ସୁପ୍ରୀୟା ପଣ୍ଡା ଓ ପ୍ରିୟଙ୍କା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେହିପରି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ରଶ୍ମି ସାହୁ, ଅଭିରାମ ପ୍ରଧାନ ଓ ଗୀତାରାଣୀ ବେହେରା ଉତ୍କଳମଣିଙ୍କ ସଂପର୍କୀତ କବିତା ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ବାଉରୀବଂଧୁ ସାହୁ, ଗୋପୀନାଥ ପଟ୍ଟନାୟକ, ଚନ୍ଦ୍ରଶେଖର ଶତପଥୀ, ଭୂପେନ ମହାପାତ୍ର, ସୁମନ ଦତ୍ତ, ଅଶୋକ ବଳ,ଚିତ୍ତରଂଜନ ବ୍ରହ୍ମା, ଡାକ୍ତର ବସନ୍ତ କୁମାର ଦାସ, ବବିତା ମହାପାତ୍ର, ଭାସ୍କର ପୁହାଣ, ମନୋଜ ପଣ୍ଡା, ଟୁକୁଲା ପାଢୀ, ପ୍ରଦୀପ ପଟ୍ଟନାୟକ, ବିଭୁତି ଭୂଷଣ ବିଶ୍ୱାଳ, ଶରତ ରାଉତ, ଜ୍ୟୋତି ରଂଜନ ମହାପାତ୍ର, କରୁଣାକର ପାଟ୍ଟଶାଣୀ, ଅଟମ ରଥ, ଅନିଲ ମଲ୍ଲିକ, ଅଲେଖ ଚନ୍ଦ୍ର ନାୟକ, ଅଶୋକ କୁମାର ପଟ୍ଟନାୟକ, ଜୟଶ୍ରୀ ଦାସ, ଡଲିରାଣୀ ବ୍ରହ୍ମା, ତାରିଣୀ ଚରଣ ସାହୁ, କନକଲତା ମିଶ୍ର, ଅକ୍ଷୟ ସାମଲ, ବିଜୟ ରାୟ ପ୍ରମୁଖ ତଥା ବହୁ ଅଭିଭାବକମାନେ ଉପସ୍ଥିତ ଥିଲେ ।

## ଖପ୍ରାଖୋଲ ପୋଲିସକୁ ମିଳିଲା ବଡ ସଫଳତା : ବାଇକ ଚୋର ଗିରଫ



ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଲୁଟ, ରାହାଜାନି, କଫସିରଫ ଇତ୍ୟାଦି ଅସାମାଜିକ ତତ୍ତ୍ୱ ବଢ଼ିବାରେ ଲାଗିଥିଲା, କିନ୍ତୁ ରମାକାନ୍ତ ସାହୁ ଯେଉଁ ଦିନଠୁ ଥାନା ଭାରପ୍ରାପ୍ତ ଅଧିକାରୀ ଭାବରେ ଯୋଗ ଦେଲେ ସେହି ଦିନଠୁଁ ଖପ୍ରାଖୋଲ ଥାନା ଅଞ୍ଚଳରେ ଥିବା ଚୋର ମାଫିଆମାନଙ୍କ ମନ ଭିତରେ ପୋଲିସ ପ୍ରତି ଭୟ ସୃଷ୍ଟି ହୋଇଅଛି । ସୂଚନା ଅନୁସାରେ ଗତ ଗୁରୁବାର ଦିନ ଖପ୍ରାଖୋଲ ଥାନା ପରିସରରେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଏବଂ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ଯେ ଗତ ୧୯/୦୮/୨୦୨୧ ସନ୍ଧ୍ୟା ସମୟରେ ବୁଢୀବାହାଲ ଗ୍ରାମର ଜୈନକ ବ୍ୟକ୍ତି ବଳଦେବ ଶଗର(୪୦) କୌଣସି କାମରେ ଧଣ୍ଡାମୁଣ୍ଡା ଗ୍ରାମକୁ ଯାଇଥିଲେ, ସେଠାରେ ସେ ମାନସ ସାହୁଙ୍କ ସହଜ ସେବା କେନ୍ଦ୍ର ସମ୍ମୁଖରେ ନିଜ ବାଇକ ନ. ଓଡି୧୭ଏନ୍ ୦୫୩୮କୁ ରଖି ଦୋକାନକୁ ଯାଇଥିଲେ, ଫେରିଲା ପରେ ଦେଖିବାକୁ ପାଇଲେ ତାଙ୍କର ବାଇକ ସେଠି ନ ଥିଲା, ଏ ନେଇ ସେ ଖପ୍ରାଖୋଲ ଥାନାରେ ଗୋଟିଏ ଲିଖିତ ଅଭିଯୋଗ କରିଥିଲେ । ଶ୍ରୀ ଶଗରଙ୍କ ଅଭିଯୋଗକୁ ଆଧାର କରି ଥାନାଧିକାରୀ ଏକ ଟିମ୍ ଗଠନ କରିଥିଲେ ଏବଂ ବାଇକ ବିଷୟରେ ଖୋଳତାଡ ଆରମ୍ଭ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନାଧିକାରୀ ରମାକାନ୍ତ ସାହୁ ଏବଂ ତାଙ୍କ ଟିମ୍‌ରେ ଥିବା କନେଷ୍ଟବଳ ସଞ୍ଜୀବ ସାହୁ ଚୋରକୁ ଧରିବାକୁ ବାହାରି ପଡିଥିଲେ, ବହୁତ ପରିଶ୍ରମ କରି ଚୋରକୁ କାବୁ କରିଥିଲେ । ଚୋରକୁ ଥାନାକୁ ଆଣି ପଚରା ଉଚୁରା କଲା ପରେ ଜଣାପଡିଲା ଚୋରଟି ରିଙ୍କୁ ମେହେର(୨୬) ତା' ଘର ତୁରକେଲା ଥାନା ଲର୍କି ଗ୍ରାମରେ । ସେ ବାଇକ ନ. ଓଡି୧୭ଏନ୦୫୩୮ ଚୋରି କରିଥିବା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ୧୨ରୁ ଅଧିକ ବାଇକ ଚୋରି କରିଥିବା କଥା ସ୍ୱୀକାର କଲା ତା' ମଧ୍ୟରୁ ପୋଲିସ ୮ଟି ବାଇକ ଖୋଜିବାରେ ସଫଳତା ହାସଲ କରିପାରିଛି । ଆଉ ୪ଟି ବାଇକ ଖୁବ ଶୀଘ୍ର ଖୋଜି ବାହାର କରିବାକୁ ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରତିଶୃତି ଦେଇଛନ୍ତି ।

## ଦରପନ୍ ସାହିତ୍ୟ ସମ୍ମାନ ୨୦୨୧ ପାଇଲେ କବି ରାଜେଶ ଦଣ୍ଡସେନା



ବରଗଡ, (ନିପ୍ର) : କବିତା ଭିତରେ ହଜିଯାଇଥିବା କଲମ ମୁନରେ ରଚି ଦେଉଥିବା ସମାଜର କୁସଂସ୍କାର, ଅନ୍ୟାୟ ଅତ୍ୟାଚାର ଉପରେ କବିତା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରନ୍ତି କବି ରାଜେଶ ଦଣ୍ଡସେନା । ବେଳେ ବେଳେ ହାସ୍ୟ ଏବଂ ବ୍ୟଙ୍ଗ କବିତା ମାଧ୍ୟମରେ ଲୋକମାନଙ୍କୁ ହସର ଖୋରାକ ଦେବା ପାଇଁ ମଧ୍ୟ ଚେଷ୍ଟା କରିଥାନ୍ତି କବି ରାଜେଶ ।

ତାଙ୍କର ସାହିତ୍ୟ ସାଧନା ପାଇଁ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମର ଗୋପବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ଦରପନ୍ ମହୋତ୍ସବ ଅବସରରେ 'ଦରପନ୍ ସାହିତ୍ୟ ସମ୍ମାନ ୨୦୨୧' ପ୍ରଦାନ କରାଯାଇଛି ।

ଏହି ଅବସରରେ ବିଧାୟିକା ରୀତା ସାହୁ, ବରଗଡ କଂସ ଭୁବନେଶ୍ୱର ପଧାନ, ହାସ୍ୟ କବି ମନ ମାଷ୍ଟ୍ରେ, ଡକ୍ଟର ଲକ୍ଷ୍ମଣ ସାହୁ, ସଂପାଦକ ବଟକୃଷ୍ଣ ସାହୁ, ଜଗନ୍ନାଥ ପଧାନ ଏବଂ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ । ଆଗକୁ ଏହି ସମ୍ମାନ ମତେ ନିଶ୍ଚୟ କବିତା ଲେଖିବା ପାଇଁ ଉତ୍ସାହିତ କରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ ରାଜେଶ ଦଣ୍ଡସେନା ।

## ପଦ୍ମପୁର ରାଜବାଟୀର ପ୍ରାଚୀନ ଦୁର୍ଗା ମଣ୍ଡପ ନୂଆ ରୂପ ନେଲା



ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲା ପଦ୍ମପୁର ରାଜବାଟୀର ଅତି ପ୍ରାଚୀନ ଦୂର୍ଗାପୂଜା ମଣ୍ଡପକୁ ଏ ବର୍ଷଠାରୁ ନୂଆ କଳେବର ସ୍ଥାୟୀ ମଣ୍ଡପରେ ପରିଣତ କରାଯାଇଛି । ପଦ୍ମପୁର ସହରର ବିଶିଷ୍ଟ ଶିଳ୍ପପତି ଅମରଦୀପ ଅଗ୍ରୱାଲଙ୍କ ସମ୍ପୂର୍ଣ୍ଣ ଉଦ୍ୟମ ଓ ହାତରୁ ସମସ୍ତ ଅର୍ଥ ଖର୍ଚ୍ଚ କରି ଶହେ ବର୍ଷର ପୁରୁଣା ମଣ୍ଡପ ଆଜିଠାରୁ ଜୀବନ୍ତ ହୋଇ ଉଠିଛି । ପ୍ରାୟ ୧୫ ଦିନଧରି ଅମରଦୀପଙ୍କ ଅକ୍ଲାନ୍ତ ମଣ୍ଡପର କାନ୍ଥ, ଛାତ ସହ ସିମେଣ୍ଟ ମୂର୍ତ୍ତି, ମଣ୍ଡପର ସୌନ୍ଦର୍ଯ୍ୟ ଓ ଭଣ୍ଡାର ଘରକୁ ନୂଆ ରୂପରେ ତିଆରି କରାଯାଇଛି । ଆଜି ଏହି ଦୂର୍ଗା ମଣ୍ଡପର ଶେଷ ପର୍ଯ୍ୟାୟରେ ମଣ୍ଡପର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଆଜିଠାରୁ ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ । ଏହି ନୂଆ ମଣ୍ଡପଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପଣ୍ଡିତ ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ପୂଜାବିଧି କରିଥିବା ବେଳେ କର୍ତ୍ତା ଭାବରେ ଅମରଦୀପ ଅଗ୍ରୱାଲ ଓ ତାଙ୍କ ପତ୍ନୀ ସହ ପରିବାର ପକ୍ଷରୁ ସମସ୍ତେ ଯୋଗଦାନ ଦେଇଥିଲେ । ନୂତନ ମଣ୍ଡପରେ ପୂଜାର୍ଚ୍ଚନା ସମୟରେ ରାଜବାଟୀର ରାଜ ପରିବାର ତରଫରୁ ମହାରାଜା ପ୍ରତାପ କେଶରୀ ସିଂହ ବରିହା, ଯୁବରାଜ ଚନ୍ଦନ ସିଂହ ବରିହା ସମେତ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂହ ବରିହା, ବିଧାୟକଙ୍କ ବଡଭାଇ ମନୋରଞ୍ଜନ ସିଂହ ବରିହା, ଦୂର୍ଗାପୂଜା କମିଟି ତରଫରୁ କୃଷ୍ଣ ମୋହନ ପଣ୍ଡା, ସଦାନନ୍ଦ ପୁରୋହିତ, ଆଇନଜୀବୀ କିଶୋର ମେହେର, ଉମେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା, ପଦ୍ମପୁର ସହରର ସମସ୍ତ ମନ୍ଦିରରୁ ଦୁଇଜଣ ଲେଖାଏଁ କମିଟି ସଦସ୍ୟ ଯୋଗଦାନ ଦେଇଥିବା ବେଳେ ଓକିଲ ସଂଘ ତରଫରୁ ବରିଷ୍ଠ ଆଇନଜୀବୀ ଗୌନ୍ତିଆ କୁମାର ସାହୁ ଯୋଗଦାନ ଦେଇଥିଲେ । ନୂତନ ମଣ୍ଡପରେ ଅନେକ ପ୍ରକାରର କାରୁକାର୍ଯ୍ୟ ଓ ପ୍ରତିମା ସ୍ଥାନ ପାଇଛି । ଏହା ସହିତ ଏହି ମଣ୍ଡପକୁ ପଶ୍ଚିମ ଓଡିଶାର ଭିନ୍ନ ଭିନ୍ନ କାରୁକାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣରେ ପରିପୂର୍ଣ୍ଣ କରାଯାଇଛି । ବର୍ତ୍ତମାନ ମଣ୍ଡପର ନିର୍ମାଣ କାର୍ଯ୍ୟ ଜନସାଧାରଣଙ୍କୁ ଆକୃଷ୍ଟ କରିଛି । ପୂଜା ସମୟରେ ଏହି ମଣ୍ଡପ ଆଲୋକ ସଜ୍ଜାରେ ଝଲସି ଉଠିବ । ପଦ୍ମପୁର ଅଞ୍ଚଳର ଜଣାଶୁଣା ଶାନ୍ତି ଶିଳ୍ପୀ ଅର୍ଜୁନ ଗିଙ୍ଗରା ଏହି ମଣ୍ଡପକୁ ଶେଷ ସ୍ପର୍ଶ ଦେଇଛନ୍ତି । ସର୍ବ ପୁରାତନ ମଣ୍ଡପରେ ମାଆ ଦୂର୍ଗାଙ୍କ ପୂଜାର୍ଚ୍ଚନା ହୋଇ ଆସୁଥିବା ବେଳେ ଏଥର ନୂଆ ମଣ୍ଡପରେ ଦୂର୍ଗାପୂଜା ପାଳନ ହେଉଥିବାରୁ କର୍ତ୍ତା ଅମରଦୀପ ଅଗ୍ରୱାଲଙ୍କୁ ସାର୍ବଜନୀନ ଦୂର୍ଗାପୂଜା କମିଟି ଓ ପଦ୍ମପୁର ସହରବାସୀଙ୍କ ତରଫରୁ ପ୍ରଶଂସା କରାଯାଇଛି ।

## ଜିଲ୍ଲାସ୍ତରୀୟ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକମାନଙ୍କ ଆଶୀର୍ବାଦ ସମ୍ମିଳନୀ



ପଦ୍ମପୁର, (ନିପ୍ର) : ନୃସିଂହନାଥ ସଂସ୍କୃତ ବିଦ୍ୟା ନିକେତନ ପରିସରରେ ଜିଲ୍ଲା ସ୍ତରୀୟ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକମାନଙ୍କ ଆଶୀର୍ବାଦ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁରେଶ ଚନ୍ଦ୍ର ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଶିର୍ବାଦ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ସଂଘର ଯୁଗ୍ମ ସଭାପତି ଗୋପବନ୍ଧୁ ପୁରୋହିତ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଭାଗୀରଥି ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବେଦ ପ୍ରକାଶ ଶାସ୍ତ୍ରୀ, ପ୍ରେମରାଜ ପାଣିଗ୍ରାହୀ ଯୋଗଦାନ କରିଥିଲେ । ଲିଙ୍ଗରାଜ ସାହୁ ସଭା ପରିଚାଳନା କରିଥିଲେ । ଅବସର ଶିକ୍ଷକମାନେ ନିଜେ ନିଜର ଦୀର୍ଘ ବର୍ଷର ଅଭିଜ୍ଞତାକୁ ବର୍ଣ୍ଣନା କରିବା ସହ ସଂସ୍କୃତ ଭାଷାର ଉନ୍ନତି ପାଇଁ ଉପଦେଶ ଦେଇଥିଲେ । ବରଗଡ ଜିଲ୍ଲାର ୨୦୧୯/୨୦, ୨୦୨୦/୨୧ ବର୍ଷରେ ୧୬ ଜଣ ସଂସ୍କୃତ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ସଭାରେ ଉପସ୍ଥିତ ଥିବା ୭ ଜଣ ଶିକ୍ଷକଙ୍କୁ ଉପଢୌକନ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଶେଷରେ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫଳ ଓ ପନିପରିବା ଚାଷ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ



କଣ୍ଟାବାଞ୍ଜି, (ନିପ୍ର) : ଆଜି ବଲାଙ୍ଗିର ଜିଲ୍ଲାର କରୁଁଆମୁଣ୍ଡା ଗ୍ରାମପଞ୍ଚାୟତର ନାରୀ ଶକ୍ତିର ସଭ୍ୟାମାନଙ୍କୁ ନେଇ ସର୍ଗିଗୁଡାଠାରେ ଉଦ୍ୟାନ ବିଭାଗ ଟିଟିଲାଗଡ ଓ ବଲାଙ୍ଗିର ଗ୍ରାମ୍ୟ ଉଦ୍ୟୋଗ ସମିତି କଣ୍ଟାବାଞ୍ଜିର ମିଳିତ ସହଯୋଗରେ ଫଳ ଓ ପନିପରିବା ଚାଷ ଉପରେ ୮ ତାରିଖ ଓ ୯ ତାରିଖ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମତ୍ସ୍ୟ ବିଭାଗର ଏଏଫଓ ସୁଜିତ କୁମାର ସାମଲ, ଏଏଚଓ ସୁନୀଲ କୁମାର ମାଝୀ ଓ ତୁରେକେଲା ବ୍ଲକର ବିପିସି ବିଶ୍ୱଜିତ ସାମଲ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ । ତୁରେକେଲା ବ୍ଲକର ହର୍ଟିକଲଚର ଅଫିସର ସେକ ଅବଦୁଲ ରବ ତାଲିମ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଏଚଇଡବ୍ଲ୍ୟୁ ଶ୍ରୀମତୀ ଗୀତାଞ୍ଜଳି ବେହେରା, ପିଜି ଗ୍ରୁପ ଅନୁଷ୍ଠାନର ବିଜିଏସ ଜୟନ୍ତୀ ବାଘ, ସୋଭାଗିନୀ ରଣା ସମେତ କୃଷକ ସାଥୀମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ସଇଁନ୍ତଲା ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର ନେଇ ଅଭିଯୋଗ : ଥାନା ଅଧିକାରୀଙ୍କ ବଦଳି ଦାବୀ କଲେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର



ସଇଁନ୍ତଲା, (ନିପ୍ର) : ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟି ଆଗରେ ରଖି ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ବାରଣ କରିଛନ୍ତି । କିନ୍ତୁ ନବରାତ୍ରି ପୂଜା ଆଳତି ସମୟରେ କରୋନା କଟକଣା ଆଳରେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ନେଇ ସଇଁତଲାରେ ତୀବ୍ର ଉତ୍ତେଜନା ଲାଗିରହିଥିବା ବେଳେ ପୋଲିସ ବିରୋଧରେ ଗର୍ଜିଲେ ଗ୍ରାମବାସୀ । ସଇଁନ୍ତଲା ବଣିକ ସଂଘ ପକ୍ଷରୁ ଆଜି ଦୋକାନ ବଜାର ବନ୍ଦ ସାଙ୍ଗକୁ ଥାନା ଘେରାଓ କରିବା ସହିତ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଅନ୍ୟପଟେ ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତାଙ୍କର ବଦଳି ଦାବୀ କରିବା ସହିତ ଜାତୀୟ ରାଜପଥ ଅବରୋଧ କରିଥିଲେ ଗ୍ରାମବାସୀ । ସୂଚନା ଅନୁସାରେ ଗତକାଲି ମାଜିଷ୍ଟ୍ରେଟ ଭାବରେ ପୂଜା ମଣ୍ଡପରେ ତହସିଲଦାର ଯୋଗେଶ୍ୱର ଧରୁଆ ଓ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ମହିଳାମାନଙ୍କୁ ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ହେଉଛି । ଏନେଇ ସଇଁତଲା ତହସିଲଦାର ଯୁଗେଶ୍ୱର ଧରୁଆଙ୍କୁ ପଚାରିବାରୁ ନୋ କମେଣ୍ଟସ ବୋଲି କହିଛନ୍ତି । ତେବେ ଅଶାନ୍ତ ହୋଇ ପଡିଛି ସଇଁତଲା । ବିକ୍ଷୋଭ ସାଙ୍ଗକୁ ନାରାବାଜି । ସଇଁତଲା ପୋଲିସ ବିରୋଧରେ ଏକତ୍ରିତ ହୋଇଛନ୍ତି ଗ୍ରାମବାସୀ । କେତେବେଳେ ଥାନା ସମ୍ମୁଖରେ ହୋ ହାଲ୍ଲା ତ କେତେବେଳେ ଜାତୀୟ ରାଜପଥ ଉପରେ ପ୍ରତିବାଦ । ସବୁରି ମୁହଁରେ ଗୋଟିଏ ନାରା, ସଇଁନ୍ତଲା ପୋଲିସର ଦବଙ୍ଗଗିରି ଚଳିବ ନାହିଁ, ସଇଁନ୍ତଲା ଥାନା ଅଧିକାରୀଙ୍କୁ ବଦଳି ସହ ନିଲମ୍ବନ କରାଯାଉ ବୋଲି ବଣିକ ସଂଘ

**ନବରାତ୍ରି ପୂଜା ସାନ୍ଧ୍ୟା ଆଳତି ବନ୍ଦକୁ ନେଇ ଚାପା ଉତ୍ତେଜନା : ବଣିକ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ**

ସଭାପତି ତରୁଣ ବେହେରା ସମେତ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି । ସୂଚନା ମତେ, ଗତକାଲି ସଇଁନ୍ତଲା ନବରାତ୍ରି ଦୁର୍ଗାପୂଜା ମଣ୍ଡପରେ ମା'ଙ୍କ ସଂଧ୍ୟା ଆଳତିରେ ପୋଲିସ ପ୍ରଶାସନ ତଥା ସଇଁନ୍ତଲା ତହସିଲଦାର ଶ୍ରଦ୍ଧାଳୁଙ୍କ ସହ ଦୁର୍ବ୍ୟବହାର କରିବା, ମହିଳାମାନଙ୍କୁ ଠେଲା ପେଲା କରିବା ସହ ଆଳତି ବନ୍ଦ କରିବାକୁ ଧମକ ଦେବା ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଶାସକ ଦଳ ସ୍ମାର୍ଟ କାର୍ଡ ବଣ୍ଟନରେ ହଜାର ହଜାର ଲୋକେ ଜମା ହେଉଥିବା ବେଳେ ବିନା ମାକ୍ସ, ବିନା ସାମାଜିକ ଦୂରତା ରହୁଛି । ଆଉ ମା'ଙ୍କ ପୂଜା ମଣ୍ଡପରେ କରୋନା ନିୟମ ଅନୁଯାୟୀ ପୂଜା ଚାଲୁଥିବା ବେଳେ ହିନ୍ଦୁ ଧର୍ମ, ଭାବାବେଗ ତଥା ରୀତିନୀତି ଉପରେ ଅଙ୍କୁଶ ଲଗାଇବାକୁ ନେଇ ଏବେ ଅଭାବନିୟ ପରିସ୍ଥିତି ସୃଷ୍ଟି କରିଛି । ତେବେ ପୋଲିସ ତଥା ସଇଁନ୍ତଲା ତହସିଲଦାର ବିରୋଧରେ ଆଜି ସଇଁନ୍ତଲା ଗ୍ରାମବାସୀ, ପୂଜା କମିଟି ବେଶ ଗର୍ଜିଛନ୍ତି । ଆଜି ସଇଁତଲାର ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ଜୀବନ ଜୀବିକା ଆଜି ସଇଁନ୍ତଲାର ଠପ୍ ହୋଇପଡିଛି । ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି । ସେପଟେ ସଇଁନ୍ତଲାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ସଇଁନ୍ତଲା ଥାନା ପରିସରରେ ଏକ ପ୍ଲାଟୁନ ଫୋର୍ସ ବଲାଙ୍ଗିରରୁ ଆସି ରହିଛନ୍ତି । କ୍ୟାମେରା ଆଗରେ ସଇଁନ୍ତଲା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କିଛି କହିବାକୁ ମନା କରିଦେଇଥିବା ବେଳେ ସଇଁନ୍ତଲା ତହସିଲଦାର କିନ୍ତୁ ଏହି ଘଟଣାକୁ ଦୁର୍ଭାଗ୍ୟ ବୋଲି କହିବା ସହ ସମସ୍ତ ଘଟଣା ପୋଲିସ ଉପରକୁ ଫିଙ୍ଗିଛନ୍ତି ଏବଂ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ତଥା ରାଜନୈତିକ ସଭାରେ କରୋନା ନିୟମ ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ବେଳେ ପ୍ରଶାସନ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ବୋଲି ପଚାରିବାରୁ ଏହା ଉପରେ ନୋ କମେଣ୍ଟସ ବୋଲି କହିଛନ୍ତି । ଏହାକୁ ନେଇ ପ୍ରଶାସନର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଛି । ଶାସକ ଦଳର କାର୍ଯ୍ୟକ୍ରମ ହେଉ ବା କୌଣସି ନେତା ମନ୍ତ୍ରୀ ପ୍ରଶାସନର କାର୍ଯ୍ୟକ୍ରମ ହେଉ କରୋନା କଟକଣାର ଚିହ୍ନବର୍ଣ୍ଣ ନ ଥିବା ବେଳେ ଲୋକଙ୍କ ଭକ୍ତି ଭାବାବେଗ ଉପରେ ପ୍ରଶାସନର ନାଲି ଆଖିକୁ ନେଇ ଏବେ ଚର୍ଚ୍ଚା ଆଗକୁ ଆନ୍ଦୋଳନ କଣ ରୂପ ନେଉଛି ତାହାରି ଉପରେ ଏବେ ନଜର ।

# ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୮୩ ନମ୍ବର ପାହ୍ୟାରେ ଖଡିଆଳର ଆର୍ତ୍ତତ୍ରାଣ ତାଣ୍ଡି



ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା ଖଡିଆଳ ଲାଲସାହେବପଡାର ଜଣେ ମଧ୍ୟବିତ୍ତ ପରିବାରର ପିତା ଭଜମନ ତାଣ୍ଡି ଓ ମାତା ବାସନ୍ତୀ ତାଣ୍ଡିଙ୍କ ଚାରି ପୁଅଝିଅଙ୍କ ମଧ୍ୟରୁ ଦ୍ୱିତୀୟ ନମ୍ବର ହେଉଛନ୍ତି ଆର୍ତ୍ତତ୍ରାଣ । ସେ ଖଡିଆଳ ସ୍ଥିତ ପବ୍ଲିକ ସ୍କୁଲରେ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢିଥିଲେ । ପରେ ତରବୋଡ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢି ରାଉରକେଲା ସ୍ଥିତ ନିଟ ବିଶ୍ୱବିଦ୍ୟାଳୟ ସ୍ନାତକ ସମାପ୍ତ କରିଥିଲେ । ପରେ ଦିଲ୍ଲୀ ସ୍ଥିତ ଜେଏନୟୁରେ ସୋସିଓଲୋଜିରେ ପିଜି ସମାପ୍ତ କରି ବର୍ତ୍ତମାନ ସେହି ବିଶ୍ୱବିଦ୍ୟାଳୟରେ ସୋସିଓଲୋଜିରେ ପିଏଚ୍ଡି କରୁଛନ୍ତି । ଆର୍ତ୍ତତ୍ରାଣ ଏହି ସଫଳତା ପାଇଁ ନିଜ ପରିବାର ଓ ସାଙ୍ଗସାଥୀଙ୍କ ସପୋର୍ଟକୁ ଶ୍ରେୟ ଦେଇଛନ୍ତି । ଏହି ସଫଳତା ପାଇଁ ଆର୍ତ୍ତତ୍ରାଣଙ୍କ ସହ ତାଙ୍କ ପରିବାରକୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଗୋଟିଏ ବଜ୍ରକାପ୍ତା ଉଦ୍ଧାର କରିବା ସହ ୨ ଜଣଙ୍କୁ ଗିରଫ କଲା ଲାଠୋର ବନବିଭାଗ




ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ବନବିଭାଗର କର୍ମଚାରୀମାନେ ହରିଶଙ୍କର ରେଞ୍ଜ ଏରିଆରୁ ଗୋଟିଏ ବଜ୍ରକାପ୍ତା (ଇଣ୍ଡିଆନ ପେଙ୍ଗୋଲିନ) ଚୋରା ଚାଲାଣ ହେଉଥିବା ନେଇ ଦୁଇଜଣ ବନ୍ୟଜନ୍ତୁ ଅପରାଧୀଙ୍କୁ ଗିରଫ କରିଥିବା ବେଳେ ତୃତୀୟ ବ୍ୟକ୍ତି ଜଣକ ଫେରାର ମାରିଛି ।

ଅଭିଯୁକ୍ତ ଦୁଇଜଣ ସର୍ଗିପାଲି ଗ୍ରାମର ବଜରଙ୍ଗ ଧରୁଆ(କୁନୁ) ଏବଂ ମହାରପଦର ଗ୍ରାମର ସୁଶୀଳ ଧରୁଆ(୨୮) ବୋଲି ଜଣାପଡିଛି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲାଠୋର ରେଞ୍ଜର କୁମାରୀ ପ୍ରଭାତୀ ସେଠ୍ ଏକ ଟିମ୍ ଗଠନ କରି ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅନ୍ତର୍ଗତ ମହାରପଦର ଅଭିମୁଖେ ବାହାରିଥିଲେ । ଯୋଜନା ମୁତାବକ ବନବିଭାଗ କର୍ମଚାରୀମାନେ ଗରାଖ ସାଜି ବଜ୍ରକାପ୍ତା କିଣିବା ପାଇଁ ଯାଇଥିଲେ । ଯେତେବେଳେ ଅଭିଯୁକ୍ତମାନେ ବଜ୍ରକାପ୍ତା ବିକ୍ରି କରିବା ପାଇଁ ଆସିଲେ, ଘଟଣାସ୍ଥଳରେ ପୂର୍ବରୁ ଗରାଖ ସାଜି ଉପସ୍ଥିତ ଥିବା ଲାଠୋର ବନବିଭାଗ ଟିମ ବଜ୍ରକାପ୍ତାକୁ ଜୀବନ୍ତ ଉଦ୍ଧାର କରି ଦୁଇଜଣଙ୍କୁ ଗିରଫ କରିଥିଲେ । ତେବେ ଘଟଣାସ୍ଥଳରୁ ଗୋଟିଏ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

# କଣ୍ଟାବାଞ୍ଜିରେ ଅଗ୍ରସେନ ଜୟନ୍ତୀ ପାଳିତ : ମହାରାଜା ଅଗ୍ରେସେନଙ୍କ ଜୀବନୀକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବାକୁ ଉଦ୍ୟମ – ସୁଜିତ କୁମାର



କଣ୍ଟାବାଞ୍ଜି, (ନିପ୍ର) : ଅଗ୍ରୱାଲ ସମାଜର କୁଳପିତା ମହାରାଜା ଅଗ୍ରସେନଙ୍କ ଜୟନ୍ତୀ ସ୍ଥାନୀୟ ଓଁକାର ମଲ ଭବନ ପରିସରରେ ପାଳିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାରୁ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇଥିଲେ । ଶ୍ରୀ କୁମାର ଅଗ୍ରୱାଲ ସମାଜ ତରଫରୁ କରାଯାଉଥିବା ସମାଜ ସେବା କାର୍ଯ୍ୟର ପ୍ରଶଂସା କରି ତାଙ୍କ ସମର୍ଥନ ସବୁ ବେଳେ ରହିଛି ଏବଂ ମହାରାଜା ଅଗ୍ରସେନ ଜୀବନୀକୁ ସ୍କୁଲ ପାଠ୍ୟକ୍ରମରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ସମ୍ମିଳନୀର ସଭାପତି ଗୋବିନ୍ଦରାମ ଅଗ୍ରୱାଲ ନିଜର ମତ ରଖିଥିଲେ । ଅଗ୍ରୱାଲ ସଭା ଟ୍ରଷ୍ଟର ସଭାପତି କୈଳାଶ ଅଗ୍ରୱାଲ ସଭାପତିତ୍ୱ କରିଥିଲେ । ସମ୍ପାଦକ ଅଜୟ ଜୈନ ବାର୍ଷିକ ବିବରଣୀ ରଖିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ଉତ୍କୃଷ୍ଟ କରିଥିବା ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କରିଥିବା ଲୋକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଜୟନ୍ତୀ ଉପଲକ୍ଷେ ହୋଇଥିବା ୬୦ରୁ ଅଧିକ ପ୍ରତିଯୋଗିତାରେ ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହିନ୍ଦୀ ହାସ୍ୟ କବି ସମ୍ମିଳନୀର ଆୟୋଜନ ହୋଇଥିଲା । ଦେଶର ପ୍ରସିଦ୍ଧ କବିମାନେ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମାରୱାଡ଼ି ସମ୍ମେଳନ, ମାରୱାଡ଼ି ଯୁବା ମଂଚ ବିକାଶ ଶାଖା, ଅଗ୍ରୱାଲ ମିତ୍ର ମଣ୍ଡଳ, ମହିଳା ପ୍ରଗତି ଶାଖା, ମହିଳା ସମିତି, ମାରୱାଡ଼ି ଯୁବା ମଞ୍ଚର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରରୁ ବିଶିଷ୍ଟ ସମାଜସେବୀ ବିଷ୍ଣୁ କେଡ଼ିଆ, ଟିଟିଲାଗଡ଼ର ସମାଜସେବୀ ଅଂକୁର ଅଗ୍ରୱାଲ ସହ ଆଖ ପାଖର ବିଶିଷ୍ଟ ଲୋକମାନେ ଯୋଗ ଦେଇଥିଲେ ।

# ଆମ ପୋଲିସ ସମିତି କାର୍ଯ୍ୟକ୍ରମ




ବରଗଡ଼, (ନିପ୍ର) : ବରଗଡ଼ ସହର ମଧ୍ୟରେ ଗତ କିଛି ମାସ ହେବ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ଏହାକୁ ସୁଧାରିବା ପାଇଁ ବରଗଡ଼ ପୋଲିସ ପକ୍ଷରୁ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି ।

ଏହି କ୍ରମରେ ଗତକାଲି ଟାଉନ ଥାନାରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ବରଗଡ଼ର ସଚେତନ ନାଗରିକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଟାଉନ ଥାନା ଆଇଆଇସି ସଦାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସହର ମଧ୍ୟରେ ମୁଖ୍ୟତଃ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସମସ୍ତେ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏଥିରେ ପୁରୁଣା ଡାକ୍ତରଖାନା ରାସ୍ତା ୱାନ ୱେ କରିବା, ରାସ୍ତା କଡ ପାର୍କିଂ ବ୍ୟବସ୍ଥାକୁ ସୁଧାରିବା, ବୁଲା ଗାଇ ଗୋରୁଙ୍କ ସମସ୍ୟାକୁ ଦୂର କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ରବିନାରାୟଣ ପଣ୍ଡା, ସମ୍ବିତ ଆଚାର୍ଯ୍ୟ, ହର ଦୀପ ସିଂ, ସମୀର ସିଂ, ସରୋଜ ମହାପାତ୍ର, ପୁରନ୍ ଶର୍ମା, ଅଶୋକ ବେହେରା, ସଚିଦାନନ୍ଦ ପଣ୍ଡା, ନାରାୟଣ ଶର୍ମା, ପାଣ୍ଡବ କର୍ଣ୍ଣ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ଶ୍ରମିକ ମହାସଂଘ ତରଫରୁ ଶ୍ରମିକ ଗର୍ଜନ ସମାବେଶ




ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘ ତରଫରୁ ଶ୍ରମିକ ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାକ ଶ୍ରମିକ ଆସି ସମାବେଶରେ ଯୋଗ ଦେବା ସହିତ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରମିକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଅଠର ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ଶ୍ରମିକ ମହାସଂଘର ନେତୃତ୍ୱରେ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ, ଭାରତୀୟ ମଜଦୁର ସଂଘ, ଆମ୍ବେଦକର ଶ୍ରମିକ ଅଧିକାର ମଞ୍ଚ, ନ୍ୟାସନାଲ୍ ଫେଡେରେସନ୍ ଅଫ ଇଣ୍ଡିଆ ଟ୍ରେଡୟୁନିଅନ, ଜିଲ୍ଲା ଶ୍ରମିକ ବିକାଶ ସଂଘ, ଓଡିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ସଂଘ ଭଳି ସଂଗଠନର ସମର୍ଥନରେ ହଜାର ହଜାର ଶ୍ରମିକ ସାମିଲ ହୋଇଥିଲେ । ଶ୍ରମିକମାନେ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରି ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରିବା ସହିତ ଅଠର ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରିଥିଲେ ।

ଏହି ଅଠର ଦଫା ସମ୍ବଳିତ ଦାବୀ ହେଲା ଦାଦନ ମୁକ୍ତ ଜିଲ୍ଲା, ଶ୍ରମିକଙ୍କ ଅଧିକାର, ମନରେଗା ଶ୍ରମିକଙ୍କ ପାଉଣା ଓ ଦୁର୍ନୀତିର ତଦନ୍ତ, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ନବୀକରଣ, ପଞ୍ଜିକରଣ, କୋଭିଡ ସହାୟତା ପ୍ରଦାନ, ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା, ପ୍ରତ୍ୟେକ ବ୍ଲକରେ ଶ୍ରମ ଅଧିକାରୀ ନିଯୁକ୍ତି କରିବା ପାଇଁ ଦାବୀ ପ୍ରଦାନ କରିଛନ୍ତି ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ସେମିନାର ଆୟୋଜିତ




ବଲାଙ୍ଗିର, (ନିପ୍ର) : ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଦ୍ୱାରା ଗତକାଲି ଏକ ବିଭାଗୀୟ ସେମିନାର ଆୟୋଜନ ହୋଇଯାଇଛି । ଏହି ସେମିନାରର ବିଷୟ ବସ୍ତୁ ଥିଲା 'ବେଡ୍ ବ୍ୟାଙ୍କ, ଭାରତରେ ଏଫଡିଆଇ ଏବଂ କୋଭିଡ-୧୯ର ପ୍ରଭାବ ଭାରତୀୟ ବ୍ୟାଙ୍କଗୁଡିକରେ' । ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଡିପି ମହାପାତ୍ର ଯୋଗ ଦେଇଥିବା ବେଳେ ବାଣିଜ୍ୟ ବିଭାଗର ପ୍ରଫେସର ସୁମନ ବିନ୍ଦୁ, ମାନସ ରଂଜନ ସାହୁ, କୁନାଲ ମିଶ୍ର, ଓମ୍ ପ୍ରକାଶ ପୂଜାରୀ, ସୁନୀତା ମହାନନ୍ଦ ପ୍ରମୁଖଙ୍କ ଦ୍ୱାରା ଏହି ସେମିନାର ଆୟୋଜନ କରାଯାଇଥିଲା ।

## ଲଖିମ୍ପୁର ହିଂସାକାଣ୍ଡରେ ଗିରଫ ହେଲେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ : ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଜେରା



ନୂଆଦିଲ୍ଲୀ : ଉତ୍ତରପ୍ରଦେଶର ଲଖିମ୍ପୁର ଖେରୀରେ ଗତ ସପ୍ତାହରେ ଘଟିଥିବା ହିଂସାକାଣ୍ଡ ଘଟଣାରେ କେନ୍ଦ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ତେବେ ଗିରଫ ହେବା ପୂର୍ବରୁ ଶନିବାର ଦିନ ଲଖିମ୍ପୁର ଖେରୀ ସ୍ଥିତ କ୍ରାଇମ ବ୍ରାଞ୍ଚ କାର୍ଯ୍ୟାଳୟରେ ତାଙ୍କୁ ୧୨ ଘଣ୍ଟା ଜେରା କରାଯାଇଥିବା ବେଳେ କ୍ରାଇମ ବ୍ରାଞ୍ଚ ଆଶିଷ ମିଶ୍ରଙ୍କ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଛି । ପଚରାଉଚରା ସମୟରେ କିଛି ପ୍ରଶ୍ନର ଉତ୍ତର ଦେଇନଥିବାରୁ ଆଶିଷ ମିଶ୍ରଙ୍କୁ ଗିରଫ କରାଯାଇଛି ବୋଲି ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ପୋଲିସ୍ (ଡିଜି), ସାହାରନପୁର, କହିଛନ୍ତି ।

## ଗଙ୍ଗାଧର ପାର୍କଠାରେ ୨୦ତମ ସାର୍ବଜନୀନ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ



ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ ଐତିହ୍ୟ ଶକ୍ତି ପୀଠ କଲେଜ ଛକ ସ୍ଥିତ ଗଙ୍ଗାଧର ପାର୍କ ପରିସରରେ ନବରାତ୍ର ଶାରଦୀୟ ଦୁର୍ଗାପୂଜା ଭବ୍ୟ ପୂର୍ଣ୍ଣ କଳସ ଶୋଭାଯାତ୍ରା ଓ କଳସ ସ୍ଥାପନ ସହ ସାର୍ବଜନୀନ ଶାରଦୀୟ ୨୦ ତମ ନବରାତ୍ରି ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି । ନବରାତ୍ରି ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପୁରୋହିତଙ୍କ ନେତୃତ୍ୱରେ ପାଟଣାଗଡର ଲୋକପ୍ରିୟ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥି, ପରିଚାଳନା କମିଟିର ଉପସଭାପତି ରମେଶ ଚନ୍ଦ୍ର ଯୋଶୀ, ପ୍ରବିଣ କୁମାର କୁଅଁର, ସଂପାଦକ ବାସୁଦେବ ପାଢ଼ୀ, ସହସମ୍ପାଦକ ବିଶ୍ୱରଂଜନ ରାଓ, ନିରଞ୍ଜନ ପୁରୋହିତ ପ୍ରମୁଖଙ୍କ ସହ ସଦସ୍ୟ ଡ. ଡିଙ୍ଗର ମେହେର, ମୁରଲି ଧର ଷଡ଼ଙ୍ଗୀ, ସହଦେବ ପୁରୋହିତ, ତୋଷରାମ ମେହେର, ଡ. ଶୋଭାକର ମେହେର, ମୁଖ୍ୟ ପୂଜା କର୍ତ୍ତା ଗୋବିନ୍ଦ ସାହୁ ଓ ସପନ୍ନୀଙ୍କ ସହରର ବିଶିଷ୍ଟ ଶତାଧିକ ମହିଳା ପୁରୁଷ ହୁଳହୁଳି ବାଜା ବଜାଇ ଗତ ବୁଧବାର ଦିନ ୧୨ ଘଣ୍ଟା ସମୟରେ ପାଟଣାଗଡ଼ ରାମପୁର ସ୍ଥିତ ମାୟାବତୀ ନଦୀ କୂଳରେ ପହଞ୍ଚି ପୂଜାର୍ଚ୍ଚନା ପରେ ଗଙ୍ଗା ନିମନ୍ତ୍ରଣ ସହ ନଦୀରୁ ପାଣି ଆଣି ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ବାହାରି କଲେଜ ଛକ ସ୍ଥିତ ଗଙ୍ଗାଧର ମେହେର ପାର୍କ ପରିସରର ପୂଜା ମଣ୍ଡପରେ ସ୍ଥାପନ ସହ ବିଲ୍ୱବରଣ ମଣ୍ଡଳକରଣ କରାଯାଇଥିଲା ।

ଗତକାଲି ମା'ଙ୍କୁ ଷୋଡ଼ଶ ଉପଚାରରେ ଦେବୀଙ୍କୁ ଆବାହନ ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି । ଗତକାଲି ଗୁରୁବାର ସକାଳ ୭ଟାରେ ସୂର୍ଯ୍ୟପୂଜା ଚକ୍ଷୁଦାନ ପ୍ରାଣ ପ୍ରତିଷ୍ଠା ମହାସ୍ନାନ କରିବା ସହ ମା'ଜଗତଜନନୀ ଶୈଳପୁତ୍ରୀ ବେଶ ଧାରଣ ସହ ଚଣ୍ଡୀ ହୋମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ବ୍ରହ୍ମଚାରିଣୀ, ଶନିବାର ଚନ୍ଦ୍ରଘଣ୍ଟା, ରବିବାର କୁଷ୍ମାଣ୍ଡ ଓ ସ୍କନ୍ଦମାତା, ସୋମବାର କାତ୍ୟାୟନୀ, ମଙ୍ଗଳବାର କାଳରାତ୍ରୀ ଅଷ୍ଟମ ପୂଜା, ବୁଧବାର ମହାଗୌରୀ ସିଦ୍ଧି ପୂଜା, ଗୁରୁବାର ସିଦ୍ଧି ନବକୁମାରୀ ପୂଜନ, ଶୁକ୍ରବାର ଅପରାଜିତ ଆଦି ମା'ଙ୍କ ଅବତାର ରୂପେ ପୂଜାର୍ଚ୍ଚନା ବିଧି ଅନୁସାରେ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା ସହ ଚଣ୍ଡୀ ହୋମ, ସନ୍ଧ୍ୟାରେ ମା'ଙ୍କ ସନ୍ଧ୍ୟା ଆଳତି କରୋନା କଟକଣା ଯୋଗୁଁ ଭକ୍ତ ଦର୍ଶନ କରିବାକୁ ବାରଣ କରାଯାଉଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି ବୋଲି କମିଟିର ସଭାପତି ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି । ଧଣ୍ଟାମୁଣ୍ଡା ଗ୍ରାମର ସୁନାମଧନ୍ୟ ସାଧକ, ପୂଜକ, ଗାୟକ ବୈଦ୍ୟନାଥ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜା କାର୍ଯ୍ୟ ତୁଲାଉଛନ୍ତି ।

## ବଲାଙ୍ଗିର ଜିଲ୍ଲାରେ ଓଷ୍ଟାର ୧୫ତମ ସାମ୍ବିଧାନିକ ସମ୍ମିଳନୀ : ଓଷ୍ଟା ପକ୍ଷରୁ ତୃତୀୟ ଥର ପାଇଁ ଜିଲ୍ଲା ଉପସଭାପତି ରଞ୍ଜିତା ମନୋନୀତ



ବଲାଙ୍ଗିର, (ନିପ୍ର) : ଜିଲ୍ଲାର ସ୍ଥାନୀୟ ରାମଗୋପାଳ ହିନ୍ଦୀ ହାଇସ୍କୁଲ ଠାରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଲାଙ୍ଗିର ଜିଲ୍ଲା ପକ୍ଷରୁ ୧୫ତମ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ସମାପ୍ତ ହୋଇଯାଉଥିବାରୁ ନୂତନ କାର୍ଯ୍ୟକାରୀ କମିଟି ଗଠନ ନିମନ୍ତେ ଜିଲ୍ଲା ୧୪ଟି ବ୍ଲକରୁ ଓଷ୍ଟା ବ୍ଲକ ସଂପାଦକ ଉପସ୍ଥିତ ରହି ନିଜସ୍ୱ ମତ ରଖିଥିଲେ । ତେବେ ସଇଁତଲା ବାଳିକା ହାଇସ୍କୁଲର ଶିକ୍ଷୟତ୍ରୀ ରଞ୍ଜିତା ମିଶ୍ର ତୃତୀୟ ଥର ପାଇଁ ମନୋନୀତ ହୋଇଛନ୍ତି । ଯାହାକୁ ନେଇ ଶ୍ରୀମତୀ ମିଶ୍ରଙ୍କ ପାଖୁ ଶୁଭେଚ୍ଛାର ସୁଅ ଛୁଟୁଛି । ଶ୍ରୀମତୀ ମିଶ୍ର ଓଷ୍ଟାର ରାଜ୍ୟ ସମ୍ପାଦକ ପ୍ରକାଶ ମହାନ୍ତି, ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ପୁରନ୍ଦର ଦାସ, ସୁଧାଂଶୁ ଶେଖର ବାବୁ, ଶଙ୍କର କୁମାର ସୁବୁଦ୍ଧି, ସମ୍ପାଦକ ଶିକ୍ଷା ପ୍ରଦୀପ ବିନାୟକ ପରିଡା, କୁଶଧ୍ୱଜ ସାହୁ, ବଲାଙ୍ଗିର ଜିଲ୍ଲା ଓଷ୍ଟାର ସଭାପତି ଅବନି କୁମାର ତ୍ରିପାଠୀ ଏବଂ ରାଜ୍ୟ, ଜିଲ୍ଲା ଶିକ୍ଷା ବିଭାଗର କାର୍ଯ୍ୟକର୍ତ୍ତାଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି । ଜିଲ୍ଲା ସଭାପତି ଛାୟାକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଷ୍ଟା ରାଜ୍ୟ ଶାଖାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଉପ-ସଭାପତି ଆନନ୍ଦ ସାହୁ, ଯୁଗ୍ମ ସାଧାରଣ ସଂପାଦକ ରଂଜନ ଦାଶ, ଅନ୍ୟତମ ସଂପାଦକ ବିନାୟକ ପରିଡା, ସଂପାଦକ ଶିକ୍ଷା ପ୍ରଦୀପ ଶଙ୍କର ସୁବୁଦ୍ଧି, ପରୀକ୍ଷା ସଂପାଦକ ନିଳ ପୁରୋହିତ, ଉପଦେଷ୍ଟା ପୁରନ୍ଦର ଦାଶ, ସୁଧାଂଶୁ ବାବୁ, ବିଶିଷ୍ଟ ନେତୃବୃନ୍ଦ ଯୋଗ ଦେଇଥିଲେ । ସଭାରେ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଥିବା ଅନେକ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ସଂପାଦକ କୁଶଧ୍ୱଜ ସାହୁ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ସଭାର ଦ୍ୱିତୀୟାର୍ଦ୍ଧରେ ଯୋଗ୍ୟ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇ ସଂଘକୁ ପୁନର୍ଗଠିତ କରାଯାଇଥିଲା । ନୂତନ ସଭାପତି ଭାବେ ଅବନୀ ତ୍ରିପାଠି, ସଂପାଦକ ଭାବେ କୁଶଧ୍ୱଜ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ଉପ-ସଭାପତି ଭାବେ ସୁଧୀର ନାଏକ, ଶ୍ରୀବତ୍ସ ଭୁଏ, ରଂଜିତା ମିଶ୍ର, ଯୁଗ୍ମ ସଂପାଦକ ଅନିଲ କୁମାର ସାହୁ, ଦିଲିପ କୁମାର ନାୟକ, ସ୍ନିଗ୍ଧାଂଜଳି ମିଶ୍ର, କାର୍ଯ୍ୟକାରୀ କମିଟି ପ୍ରଦୀପ ସ୍ୱାଇଁ, ଶୁଭେନ୍ଦୁ ମହାନ୍ତି, ସରୋଜ କୁମାର ମିଶ୍ର, ମନୋରଂଜନ ସାହୁ, ସାଂଗଠନିକ ସଂପାଦକ ଭାବେ ଲୋକନାଥ ମେହେର ନିର୍ବାଚିତ ହୋଇଥିଲେ । ନିର୍ବାଚିତ ପ୍ରତିନିଧିମାନଙ୍କୁ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଶପଥପାଠ କରାଇଥିଲେ । ଶେଷରେ ରାଜ୍ୟ ପ୍ରତିନିଧି ସଭ୍ୟ ଜଳନ୍ଧର ମହାକୁଡ ଧନ୍ୟବାଦ ଦେଇଥିଲେ ।

## ଏବେ ଓଡ଼ିଶା ବଜାରରେ ଏମ୍‌ବିଏଲ୍ ୭୪୦ ବିଏସ୍୪



ଭୁବନେଶ୍ୱର, (ନିପ୍ର) : ଏବେ ଓଡ଼ିଶା ବଜାରରେ ଏମ୍‌ବିଏଲ୍ ୭୪୦ ବିଏସ୍୪ । ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି ଏହାର ଶୁଭ ମୁହୂରତ । କଂପାନୀର ମୁଖ୍ୟ ଅରୁଣ ଚୌହାନ ଏବଂ ଓଡ଼ିଶା ଡିଲର ରଘୁନାଥ ମେସିନେରୀ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ରଘୁନାଥ ସାମନ୍ତରାୟ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିସହିତ ବିଭିନ୍ନ ଫାଇନାନ୍ସ କଂପାନୀର ମୁଖ୍ୟମାନେ ଉପସ୍ଥିତ ଥିଲେ । ତେବେ ଦଶହରା ଉପଲକ୍ଷେ ଏକ ବଡ଼ ଅଫର୍ ରହିଥିବା କଂପାନୀ ସୂତ୍ରରୁ ଜଣାପଡିଛି ।

## ଲଳିତ କଳା ଏକାଡେମୀ ତରଫରୁ କୋରାପୁଟରେ ଝୋଟି ପ୍ରତିଯୋଗିତା



ଭୁବନେଶ୍ୱର, (ନିପ୍ର) : ଏକଦା ଓଡ଼ିଆ ଘରେ ଝୋଟିର ପ୍ରଚଳନ ଅଧିକ ଲୋକପ୍ରିୟ ଥିଲା । ପର୍ବପର୍ବାଣୀରେ ଝୋଟି ଆଙ୍କିବା ପବିତ୍ର ବୋଲି ମନେ କରାଯାଉଥିଲା । କ୍ରମେ ଆଧୁନିକତାର ଦୌଡରେ ଏହି ଅନନ୍ୟ ପରମ୍ପରା ତା'ର ସତ୍ତା ହରାଇ ବସିଥିବା ବେଳେ ପୁଣିଥରେ ଏହି କଳାକୁ ଉଜ୍ଜୀବିତ କରିବା ପାଇଁ ଓଡିଶା ଲଳିତ କଳା ଏକାଡେମୀ ତରଫରୁ ଉପାନ୍ତ କୋରାପୁଟ ଜିଲ୍ଲାରେ ପ୍ରୟାସ ଆରମ୍ଭ କରାଯାଇ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି କ୍ରମରେ ସ୍ଥାନୀୟ ପ୍ରଶାସନ ସହଯୋଗରେ ପଦ୍ମପୁର ଗ୍ରାମରେ ଏକ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏଥିରେ ଗ୍ରାମର ୧୦୮ ଜଣ ମହିଳା ନିଜ ନିଜ ଗୃହ ସମ୍ମୁଖରେ ସଦୃଶ ଝୋଟି ଆଙ୍କିବା ସହିତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏକ ବିଚାରକ ମଣ୍ଡଳୀ ଦ୍ୱାରା ଏସବୁ ଝୋଟିର ମନୋନୟନ କରାଯାଇ ଶ୍ରେଷ୍ଠ ବିବେଚିତ ତିନି ଜଣଙ୍କୁ ପୁରସ୍କୃତ କରାଯାଇଥଲା । ଏଥିରେ ପ୍ରଥମ ମନସ୍ୱିନୀ ବିଶ୍ୱାଳ, ଦ୍ୱିତୀୟ ଶାନ୍ତିଲତା ଖେମୁଣ୍ଡୁ ଓ ତୃତୀୟ ଅନ୍ନପୂର୍ଣ୍ଣା ଖେମୁଣ୍ଡୁ ହୋଇଥିବା ବେଳେ ଆରତୀ ମହାନ୍ତି, ଶିବାନୀ ମହାନ୍ତି ଓ ରୀନା ଉପାପାଡିଆ ଏପରି ତିନିଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଭରି ଦେଉଥିବା ବେଳେ ଜନ ସାଧାରଣ ଦ୍ୱାରା ବେଶ ଆଦୃତ ହୋଇଥିବା ଦେଖାଯାଇଥିଲା । ଏହି ପୁରସ୍କାର ବିତରଣ ଉତ୍ସବରେ ଓଡିଶା ଲଳିତ କଳା ଏକଡେମୀର ପଦ୍ମଶ୍ରୀ ସୁର୍ଦଶନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବେଦ ଭୂଷଣ, ଜିଲ୍ଲା ସଂସ୍କୃତି ଅଧଇକାରୀ ମାଧମ ପାଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ ଏକାଡେମୀ ସଚିବ ପଞ୍ଚାନନ ସାମଲ ଏବଂ ପଦ୍ମପୁର ସରପଞ୍ଚ ଲକ୍ଷ୍ମୀ ହଞ୍ଜାରିଆ ପ୍ରମୁଖ ଉପସ୍ଥିତ ଥିଲେ ।


## ଛତ୍ରପୁର ପଞ୍ଚାୟତ ସ୍ତରୀୟ ପ୍ରତିନିଧିଙ୍କୁ ନେଇ ଆମ ପୋଲିସ ସମିତିର ଜନ ସମ୍ପର୍କ ମଞ୍ଚ



ଛତ୍ରପୁର, (ନିପ୍ର) : ଛତ୍ରପୁର ଆଦର୍ଶ ଥାନା ତଥା ଆମ ପୁଲିସ୍ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଶିବ କୁମାର ରିଡ଼ିଂ ରୁମ୍ ସେମିନାର ହଲରେ ପୋଲିସ ଜନସମ୍ପର୍କ ମଞ୍ଚ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଥାନା ଅଧିନରେ ଥିବା ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଆଇନ ଶୃଙ୍ଖଳା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଂଗଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଛତ୍ରପୁର ପ୍ରେସ୍ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା ସଭାପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଗଞ୍ଜାମ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଠାକୁର ପ୍ରସାଦ ପାତ୍ର ଯୋଗଦେଇ ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ କିପରି ଶାନ୍ତି ଶୃଙ୍ଖଳାର ସହିତ ସମାହିତ ହେବ ସେଥି ନିମନ୍ତେ ଗ୍ରାମ୍ୟ ଜନପ୍ରତିନିଧିଙ୍କ ସହ ଆଇନ ଶୃଙ୍ଖଳା ନୀତି କିପରି ସୂଚାରୁ ରୂପେ ସମ୍ପାଦିତ ହେବ ସେନେଇ ସଚେତନତା ଆଳାପ ହୋଇଥିଲା । ଏତଦ୍ ବ୍ୟତୀତ ପାର୍ବଣଋତୁରେ ଗ୍ରାମାଞ୍ଚଳରେ କୁଆ ଆଡା, ବେଆଇନ ମଦ ବିକ୍ରି, ଜୋର ଜବରଦସ୍ତ ଚାନ୍ଦା ଆଦାୟ, ଦାଦାବଟି ଭଳି ଅନେକ ଗଣ୍ଡଗୋଳ, ଅସାମାଜିକ ଲୋକଙ୍କ ଦୋରାତ୍ମ୍ୟ ଆଦି ବିଶୃଙ୍ଖଳାକୁ ଏଡ଼ାଇବା ନିମନ୍ତେ ଗ୍ରାମ୍ୟ ଜନ ପ୍ରତିନିଧିମାନେ ଆଲୋଚନାର କେନ୍ଦ୍ରୀଭୂତ କରିଥିଲେ । ଏହାକୁ ନେଇ ଛତ୍ରପୁର ଥାନା ଅଧିକାରୀ ଶ୍ରୀ ପ୍ରଧାନ ଏବଂ ଅତିରିକ୍ତ ଏସ୍‌ପି ଶ୍ରୀ ଠାକୁର ଆଲୋଚନାର ମୁକାବିଲା କରିଥିଲେ । ପୂଜା ପାର୍ବଣ ସମୟରେ କୋଭିଡ୍ କଟକଣାରେ ପାଳନ କରାଯିବା ନିମନ୍ତେ ପୋଲିସ କର୍ତ୍ତୃପକ୍ଷ ସହଯୋଗ କାମନା କରିଥିଲେ । ଗ୍ରାମାଞ୍ଚଳରେ ଚୋରାମଦ କାରାବାର, କୁଆ ଖେଳ, ଅସାମାଜିକ କାର୍ଯ୍ୟକଳାପକୁ ଯେପରି ରୋକା ଯାଇପାରିବ ସେଥି ନିମନ୍ତେ ଥାନା ଅଧିକାରୀ ଶ୍ରୀ ପ୍ରଧାନ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସହଯୋଗ କରିବା ପାଇଁ କହିବା ସହ ପୁଲିସ ଓ ପିଆର୍‌ଆଇ ମେମ୍ବରମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟ ରକ୍ଷା କରିବା ନିମନ୍ତେ ଅନୁରୋଧ କରିଥିଲେ । ପଞ୍ଚାୟତଗୁଡ଼ିକରେ ସିସି କ୍ୟାମେରା ଲଗାଇବା ଉପରେ ଥାନା ଅଧିକାରୀ ସମସ୍ତ ସରପଞ୍ଚମାନଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ବହୁ ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇ ପୁଲିସର ଏଭଳି ଆଗୁଆ ସଚେତନମୂଳକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଥାନା ଅଧିନସ୍ଥ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ଶେଷରେ ସବଇନସ୍‌ପେକ୍ଟର ସତ୍ୟଜିତ୍ ବେଣିଆ ଧନ୍ୟବାଦ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଛତ୍ରପୁର ଥାନାର ଅଧିକାରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ସିଆରପିଏଫ୍ ଦ୍ୱାରା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଓ ଦମନ ପାଇଁ ସରକାରଙ୍କର ତରଫରୁ ପଦ୍ମପୁର ଉପଖଣ୍ଡର ଅନେକ ସ୍ଥାନରେ ସିଆରପିଏଫର ୧୮୯ ବଟାଲିଅନର ଯବାନ ମାନଙ୍କୁ ମୁତୟନ କରାଯାଇଛି । ମୁଖ୍ୟତଃ ପଦ୍ମପୁର ଉପଖଣ୍ଡର ପାଇକମାଲ, ବରତୁଣ୍ଡା, କେର୍ମେଲାବାହାଲ ଓ ଜଗଦଲପୁର ଠାରେ ସିଆରପିଏଫର ୧୮୯ ବଟାଲିଅନର ଯବାନମାନେ ମୁତୟନ ଅଛନ୍ତି । ଅଞ୍ଚଳରେ ମାଓ ଦମନ ସହିତ ଅନେକ ସମୟରେ ସିଭିକ ଆକ୍ସନ ପ୍ରୋଗ୍ରାମ ମାଧ୍ୟମରେ ଯବାନମାନେ ଲୋକଙ୍କ ସେବା କାର୍ଯ୍ୟ କରିଥାନ୍ତି । ଆଜି ପାଇକମାଲ ମୁଖ୍ୟ ଛକଠାରେ ୧୮୯ ବଟାଲିଅନର ମୁଖ୍ୟ ପବନ କୁମାର ତିବାରିଙ୍କର ନିର୍ଦ୍ଦେଶ କ୍ରମେ ବରତୁଣ୍ଡା କେମ୍ପର ଆସିଷ୍ଟାର୍ଟ କମାଣ୍ଡିଙ୍ଗ ଅଫିସର ସୁରେନ୍ଦ୍ର କୁମାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଇକମାଲ ଓ ବରତୁଣ୍ଡା କେମ୍ପର ଯବାନ ମାନେ ଟ୍ରାଫିକ ସଚେତନତା ଅଭିଯାନ କରିଥିଲେ । ବିନା ହେଲମେଟରେ ଯାଉଥିବା କିମ୍ବା ବିନା ସିଟ ବେଲ୍ଟ ଧାରଣ କରି ଯାଉଥିବା ଚାଳକମାନଙ୍କୁ ବିଭିନ୍ନ ବାର୍ତ୍ତା ଦେଇ ସଚେତନ କରାଯିବା ସହିତ ହେଲମେଟ ନ ପିନ୍ଧିବା ତଥା ଟ୍ରାଫିକ ନିୟମ ନ ମାନିବାର ପରିଣାମ ବାବଦରେ ମଧ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ରଜାକ ଅଲି, ସବିନ୍ସପେକ୍ଟର ଏମ ଟି ଜଗଦୀଶ, ଏସ୍ଆଇ ନୁରୁଲ ଇସଲାମ, ଏସ୍ଆଇ ଗଙ୍ଗାରାମ, ଏଏସ୍ଆଇ ପି. କେ ସିଂଦେଓ, ଏଏସ୍ଆଇ ପି ଓରାମ ଓ ପାଇକମାଲ ଥାନା ଅଧିକାରୀ ବିଶ୍ୱଜିତ ମନୋବଧଙ୍କ ସମେତ ଅନେକ କର୍ମଚାରୀ ଅଂଶଗ୍ରହଣ କରି ଲୋକଙ୍କୁ ଟ୍ରାଫିକ ନିୟମ ଓ ଏହାର ଉପକାରୀତା ବାବଦରେ ବୁଝାଇ ଥିଲେ ।



# ବିକୃତ କର ମୋତେ ପ୍ରଭୁ

**ନୋଭିକା ଟାଡିକ୍** (୧୯୪୯-୨୦୧୧) ଯୁଗୋସ୍ଲୋଭିଆର ଜଣେ ପ୍ରସିଦ୍ଧ କବି । ସାର୍ବୀୟ କବି ଭାସ୍କୋ ପୋପାଙ୍କ ଦ୍ୱାରା ଅନୁପ୍ରାଣିତ ତାଙ୍କ କବିତାରେ ହତାଶାର ଏକ ଅସ୍ୱାଭାବିକ ଚିତ୍ର ଲକ୍ଷ୍ୟ କରାଯାଏ । ସାର୍ବୀୟ ଭାଷାର ତାଙ୍କ କବିତା ବହୁ ଆମେରିକୀୟ କବିଙ୍କ ଦ୍ୱାରା ଆଦୃତ । ତାଙ୍କ କବିତାର ଅନୁବାଦକ ଓ ପ୍ରସିଦ୍ଧ ଆମେରିକୀୟ କବି ଚାର୍ଲ୍ସ ସିମିକ୍ କହନ୍ତି, "ଟାଡିକ୍‌ଙ୍କ ପାଇଁ ବାସ୍ତବତାଟି ଅସ୍ଥିର ଓ କ୍ଷଣ ଭଙ୍ଗୁର । ମୁହୂର୍ତ୍ତକରେ ତାହା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼େ ଓ ପୁଣି ଥରେ ହଠାତ୍ ଯୋଡ଼ି ହୋଇଯାଏ । ଦୃଶ୍ୟମାନ ଜଗତକୁ ପ୍ରଶ୍ନ କରି ସେ ନୂଆ ନୂଆ ସୃଷ୍ଟି କରନ୍ତି । ଏକ ନୂତନ ଅନ୍ଧକାର ଯୁଗର କବିତା ଲେଖନ୍ତି ସେ ।"

## ବିସ୍ତୁତି

ବିକୃତ କର ମୋତେ ପ୍ରଭୁ
ଦୟାକର !
ବନ୍ଧୁର କର ମୋତେ
ବଥ ବ୍ରଣରେ ଭରିଦିଅ
ଲୋତକ ଗ୍ରନ୍ଥିରେ ଖୋଲିଦିଅ
ପୂଜ ରକ୍ତ ମିଶା ଏକ ଝର,
ମୋର ପାଟିକୁ ମୋଡିଦିଅ ଉପରୁତଳ
କୁଟିଳ କର ମୋତେ,
ଚୁଚୁନ୍ଦ୍ରାମାନେ ଗାତ କରନ୍ତୁ ମୋର ମାଂସରେ
ରକ୍ତ ବେଢ଼ି ଥାଉ ମୋର ଦେହକୁ,
ଏପରି ହେଉ,
ସମସ୍ତେ ନିଅନ୍ତୁ ମୋର ନିଃଶ୍ୱାସ ପ୍ରଶ୍ୱାସ
ସମସ୍ତେ ମେଣ୍ଟାନ୍ତୁ ତୃଷା ମୋର ପାତ୍ରରେ,
ପରାଙ୍ଗପୁଷ୍ଟ କୀଟଙ୍କ ଆହାର କର ମୋତେ,
ଶତ୍ରୁମାନେ ମୋ' ଚାରିକଡ଼େ ଜମା ହୋଇ
ଆନନ୍ଦରେ ପ୍ରଶସ୍ତିଗାନ କରନ୍ତୁ ତୁମର ।

ବିକୃତ କର ମୋତେ ପ୍ରଭୁ
ଦୟାକର !
ପ୍ରତ୍ୟେକ ଦୋଷକୁ ବାନ୍ଧିଦିଅ
ମୋର ପାଦରେ,
କୋଳାହଳ
ଓ ପ୍ରଳାପରେ ବଧିର କର ମୋତେ,
ବିଦାରି ଦିଅ,
ଖୋଲି ଦିଅ ସପ୍ତଦ୍ୱାର
ମୁକୁଳି ଯାଆନ୍ତୁ ସପ୍ତ ପଶୁ
ନୃଶଂସ ମସ୍ତିଷ୍କକୁ ମୋର
ଚରନ୍ତୁ ସେମାନେ,
ନିର୍ଦ୍ଧାରଣ କର ମୋ ପାଇଁ
ଯାହା ସବୁ ମନ୍ଦ, ଦୁଃଖ ଓ ଯନ୍ତ୍ରଣା
ପ୍ରତିଥର ତୁମେ ଭୟ ଦେଖାଇଥିବା ବେଳେ
ତୁମ ଅଙ୍ଗୁଳି ନିର୍ଦ୍ଦେଶ କର ମୋ' ଆଡ଼େ ।
ଏପରି, ହଁ,
ଏପରି ହିଁ କହ ପ୍ରଭୁ ମୋର !
ଶତ୍ରୁମାନେ ମୋ ଚାରିକଡ଼େ ଜମା ହୋଇ
ଆନନ୍ଦରେ ପ୍ରଶସ୍ତିଗାନ କରନ୍ତୁ ତୁମର ।

## କେହି ନୁହେଁ

ଆଜି ରାତି ସେ ମୋତେ ଦେଖାଏ
ତା'ର କାଚ ଓ ଫୁଲର କେଶ
ଦୁଇ ପଟେ ଧାର ଥିବା ଓଠ
ପାଞ୍ଚ ମୁନିଆଁ ଜିଭ

ଆଃ, ସେ ଖୋଲେ
ତା'ର ରେଶମୀ ପୋଷାକ-
ଦେହଟିଏ ବି ଅଛି ତା'ର ତା' ହେଲେ
ଏକ ସୁନା ଘଡ଼ି
ଏବଂ ଇତି ମଧ୍ୟରେ
ତା'ର ପୂରା ପ୍ୟାଣ୍ଟ ଉହାଡ଼ରେ
ପାଦ ପରିବର୍ତ୍ତେ
ଅଛି ତା'ର ଦୁଇଟି ଛୋଟ ଚକ
ସଇତାନୀ ଛୋଟଚକ ।



## ରାତି ପାଇଁ ଏକ ସନେଟ୍

ସହରର କାନ୍ଥ କଡ଼େ
ମହାନ୍ ବିଙ୍କ ରାତି
ଦାନବର କବଳରୁ
ମୁକୁଳାଅ ମୋତେ

କଢ଼ାଇ ନିଅ ମୋତେ ପାଗଳ ପ୍ରାୟେ
ଶୂନ୍ୟ ଛକକୁ
ମୁଁ ଯେମିତି ପୁଣି ଥରେ
ନିଜ ଚଉପାଶେ ଚାଲିପାରେ

ଏବଂ ଦେଖ ଆଉ ଥରେ
ଯେମିତି ତଥାପି ମୁଁ
ଏକ ଜୀବନ୍ତ ପ୍ରାଣୀ

ଘଡ଼ଘଡ଼ି ଓ ଧୂଆଁର ସନ୍ତାନ
ବିଚ୍ଛିନ୍ନ, ନିଃସଙ୍ଗ, ଅତି ଲବଣାକ୍ତ-
କେହି ନୁହଁ ।



**ଅନୁବାଦ : ଭାଗୀରଥି ମିଶ୍ର**

## ଶବ୍ଦ ଚିତ୍ର

ଗୋଟିଏ ଭୂତ ସହରରେ
କୁକୁରମାନେ ବୁଲନ୍ତି
ମଲା କୁକୁରଙ୍କ ଗହଣରେ

ଏକମୁହାଁ ଗଳିରେ
ପିଲାଟିଏ ଘୂରଉଥାଏ
ଆରାଧ୍ୟା ଦେବୀଙ୍କ ଜ୍ୟୋତିର୍ବଳୟ

ଜଣେ କାହାର ବାଡ଼ି ପଟେ
ଏକ କ୍ରୁଶବିଦ୍ଧ
କୁକୁଡ଼ା

ଗୋଟିଏ ବେଶ୍ୟାଳୟରେ
ଜଣେ ଗ୍ରାହକର ଧୂମପାନ ନଳୀରୁ
ଧୂଆଁ ପରି ଉଠେ
ଜଣେ ନାରୀର କଳା ଲମ୍ବା ମୋଜା

ବାଟ ଘରେ
ଅନେକ ଜୋତା ଓଭର୍‌କୋଟ୍
ଟୋପି ଆଉ ଦସ୍ତାନା
କିନ୍ତୁ ଘରଟି ଖାଲି
ଦେଖିଲେ ଦିଶୁନି
ଜଣେ ବି ମଣିଷର ମୁହଁ

ମୁକ୍ତିର ଜଳ ଉପରେ
ଅଜ୍ଞାତ
ଭାରି ଧୂସର ପଦାର୍ଥ ।



## ରଙ୍ଗ ଶୂନ୍ୟତା

**ଅଂଜଳି ପଟ୍ଟନାୟକ**




ତୁ ଓଠରେ ଛୁଇଁଲୁ
ଆଉ ମୁଁ କୁହୁଳି କୁହୁଳି
ଜଳିଗଲି
କୁହୁଡ଼ିରେ ବଉଳ ପରି....

ବଉଳିବାକୁ ମନ ହେଲାନି
କେମିତି ଗୋଟେ
ନିଃଶେଷ ପଣରେ
ଶେଷ କରୁଥିଲି ନିଜକୁ
ଶୂନ୍ୟ କରିବାରେ ବି
ବେଳେ ବେଳେ
ପୂର୍ଣ୍ଣତା ଥାଏ.....

ସବସ୍ୱେ ବି ମୁଁ ମଗ୍ନ ହେଉଥିଲି
ଦିନମାନ ତୋ ଦୃଷ୍ଟିରେ,
ନଗ୍ନତା କୋଉ
ଦେହରେ ଥାଏ କି ?

ଦୁଆର ଝର୍କା ସବୁ
ଖୋଲି ଦେଇଥିଲି
ତୋ' ମୋ' ଗନ୍ଧରୁ ନିଜକୁ
ମୁକ୍ତ କରିବାକୁ
ମନଭର୍ତ୍ତି ତୋ ଗନ୍ଧ
ସତେ କ'ଣ ଉନ୍ମୁକ୍ତ
କରି ପାରିଲି ନିଜକୁ ସେଥିରୁ ?

ତୁ ମୋ ଦେହରେ
ଟାଣିଥିବା ଯାବତୀୟ
ଅଙ୍କାବଙ୍କା ରେଖା
ଚିତ୍ର ହେବା ପାଇଁ ମତେ
ଖୋରକ୍ ମାଗନ୍ତି,
ଯେବେ କି ମୁଁ ଚାହେଁ
ରେଖା ସବୁ ଅଙ୍କା ବଙ୍କା
ଥାଆନ୍ତୁ,
ଥାଆନ୍ତୁ ରଙ୍ଗ ଶୂନ୍ୟ
ଆଉ କିଛି କାଳ
ରଙ୍ଗ ଶୂନ୍ୟତା ବି
ଗୋଟେ ରଙ୍ଗ
ଏ କଥା
କେମିତି ବୁଝେଇବି ତତେ
ତୁ ଯେ'
ଗୋଟେ ଅବୁଝା ସକାଳ.... । ।



# ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଜୀବେଦୟା ଓ ପ୍ରକୃତି ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ହୃଷୀକେଶ ପାଢ଼ୀ



ଡେଲାଙ୍ଗ, (ନିପ୍ର) : ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବୋଲକଣାଗ୍ରାମର ସବୁଜ ଡେଲାଙ୍ଗ ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରକୃତିପ୍ରେମୀ ଆଇନଜୀବୀ ହୃଷୀକେଶ ପାଢ଼ୀ ଜୀବେଦୟା ଓ ପ୍ରକୃତି ସୁରକ୍ଷା ବାର୍ତ୍ତା ବାଣ୍ଟିଛନ୍ତି । ସମାଜସେବୀ ଡାକ୍ତର କ୍ଷେତ୍ରବାସୀ ପ୍ରଧାନ ଓ ଦେବଦତ୍ତ ମାନସିଂହ, ସୋମନାଥ ସେନାପତି ପ୍ରକୃତି ସୁରକ୍ଷାର ସଚେତନତା ବ୍ୟାନର ଲୋକାର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ପାଢ଼ୀ ଜନସାଧାରଣଙ୍କୁ କହିଥିଲେ, ପରିବେଶ ସୁରକ୍ଷାରେ ବନ୍ୟପ୍ରାଣୀ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥାନ୍ତି । ମାନବ ସମାଜର ଅଭିବୃଦ୍ଧି ଓ ସମୃଦ୍ଧି ଜୈବବିବିଧତା ଉପରେ ନିର୍ଭରଶୀଳ । ବର୍ତ୍ତମାନ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ଆସନ୍ତୁ, ବୃକ୍ଷ ସହ ମିତ୍ରତା ସ୍ଥାପନ କରି ପୁରାତନ ଜଂଗଲର ପୁନରୁଦ୍ଧାର ସହ ନୂତନ ଜଂଗଲ ସୃଷ୍ଟିର ସଂକଳ୍ପ ନେଇ ସୁସ୍ଥ ପରିବେଶ ପାଇଁ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ସହ ସେମାନଙ୍କର ଆବାସସ୍ଥଳୀର ଉନ୍ନତିରେ ସହଭାଗିତା ହୁଅନ୍ତୁ । ପରେ ପରେ ନିଜର ବ୍ୟାଟେରୀଚାଳିତ ସ୍କୁଟିରେ ଏହି ସଚେତନତା ଅଭିଯାନ ଡେଲାଙ୍ଗର ସର୍ବପୁରାତନ 'କୁମୁକା ଜଂଗଲ' ପର୍ଯ୍ୟନ୍ତ କରିଥିଲେ ।

# ବିକିଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନରେ ସମ୍ମାନିତ



ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଶିଷକେଲା ଗ୍ରାମର ବନ୍ୟପ୍ରାଣୀ ସଂରକ୍ଷଣ ବିକି ଜୀ ନାଗଙ୍କୁ ବଲାଙ୍ଗିର ବନ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନରେ ସମ୍ମାନିତ କରାଯାଇଛି । ବଲାଙ୍ଗିର ମେଗା ନର୍ସରୀ ଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବଲାଙ୍ଗିର ଡିଏଫ୍‌ଓ ନୀତିଶ କୁମାର, ଏସିଏଫ୍ ବାବାଜୀ ରାଉତ, ଅଜିତ ବିଶି ଶ୍ରୀ ନାଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୂଚନାମତେ ବିକି ଜୀ ନାଗ ଗତ ୧୬ ବର୍ଷ ଧରି ବନ୍ୟାପ୍ରାଣୀ ସଂରକ୍ଷଣ ପାଇଁ ସଦାସର୍ବଦା ଚେଷ୍ଟିତ । ଏହା ସହିତ ସାପ ଧରାଳି ଭାବରେ ଘରେ ଘରେ ପରିଚିତ ।

# ଯାଜ୍ଞସେନୀର ଆଲୋଚନାଚକ୍ର ଅନୁଷ୍ଠିତ : ସତ୍ୟର ଅନ୍ୱେଷା କାର୍ଯ୍ୟ ହିଁ ସାହିତ୍ୟ




ରାଉରକେଲା, (ନିପ୍ର) : ସହରର ଅଗ୍ରଣୀ ମହିଳା ସଂଗଠନ ଯାଜ୍ଞସେନୀ ତରଫରୁ ଆଲୋଚନାଚକ୍ର 'ସାହିତ୍ୟରେ ବିଚାରର ଧାରା' ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଯାଜ୍ଞସେନୀର ସଭାପତି ପ୍ରଫେସର ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦିକା ନୀନାରାଣୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତା ଦାସ ମୁଖ୍ୟ ଅତିଥି, ହୃଷିକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଭବେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ, ରଶ୍ମିବାଳା ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର ଓ ବିଜୟଲକ୍ଷ୍ମୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିବା ବେଳେ ସମ୍ମାନିତ ଅତିଥି ଗଣ ଆଲୋଚ୍ୟ ବିଷୟ ସଂପର୍କରେ ମତ ରଖିଥିଲେ । ମୁଖ୍ୟବକ୍ତା ପ୍ରଫେସର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଲେ ଯେ, ସାହିତ୍ୟରେ ରସଚର୍ଯ୍ୟା ଏକ ଅନାଲୋଚିତ ଦିଗ । ତେବେ ପ୍ରତ୍ୟେକ ସାହିତ୍ୟ ବିଜ୍ଞାନ ସମ୍ମତ ହେବା ଦରକାର । ବର୍ତ୍ତମାନର ପାଠକ ସାହିତ୍ୟ ଭିତରେ ନୂଆ ଦିଗବଳୟ ସନ୍ଧାନ କରୁଛନ୍ତି । ତେଣୁ ପାଠକଙ୍କ ସିଦ୍ଧାନ୍ତ ପାଖରେ ଲେଖକ ପହଞ୍ଚି ପାରୁନଥିବାରୁ ପାଠକୀୟ ବିମୁଖତା ପ୍ରକାଶ ପାଉଛି । ସାହିତ୍ୟ ଜ୍ଞାନକୁ ପରିମାର୍ଜିତ କରେ । ଦୁର୍ଭାଗ୍ୟର କଥା ଯେ, ସାହିତ୍ୟ ପ୍ରତି ଜଡିତ ବେଶୀ ଲୋକ ସାହିତ୍ୟକୁ ବେଶି ଉପେକ୍ଷା କରନ୍ତି । ସାହିତ୍ୟର ମୂଳ ହେଉଛି ସୌନ୍ଦର୍ଯ୍ୟବୋଧ । ଯାହା ଏବେ ବାଧାପ୍ରାପ୍ତ ହେଉଛି । ଜୀବନର ଜିଜ୍ଞାସାରୁ କାବ୍ୟ ଜିଜ୍ଞାସା ଆସେ । ଏଥିସହ ସେ ସାହିତ୍ୟର ୩ଟି ସିଦ୍ଧାନ୍ତ ଉପରେ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ବିଜୟଲକ୍ଷ୍ମୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜୋସ୍ନା କୁମାରୀ ନାଏକ କବିତା ପାଠୋତ୍ସବର ସଂଯୋଜନା କରିଥିଲେ । ଏଥିରେ ଅଶୋକ କୁମାର ପଟ୍ଟନାୟକ, ଅଭିରାମ ପ୍ରଧାନ, ରଶ୍ମି ସାହୁ, ବବିତା ମହାଳିକ, ସାଗରିକା ଜେନା, ନିରୁପମା ନାୟକ, ମଞ୍ଜୁଳା ରଥ, ଡଲିରାଣୀ ବ୍ରହ୍ମା, ଚିତ୍ତରଂଜନ ବ୍ରହ୍ମା, କୁଞ୍ଜବିହାରୀ ରାଉତ, ବ୍ରଜବିହାରୀ ଦାଶ, ବିଜୟିନୀ ଜେନା ପ୍ରମୁଖ କବିତା ପାଠ କରିଥିଲେ । ବ୍ରଜେନ୍ଦ୍ର ଦାଶ ମଞ୍ଜୁଳା ରଥଙ୍କ କବିତା, ବିଷ୍ଣୁପ୍ରିୟା ମହାପାତ୍ର ଡଲିରାଣୀ ବ୍ରହ୍ମାଙ୍କ କବିତା ଓ ରଶ୍ମିବାଳା ରାଉତରାୟ ବିଜୟିନୀ ଜେନାଙ୍କ କବିତାର ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ମଧୁସୂଦନ ଶିକ୍ଷାନିବାସର ଛାତ୍ରୀ ସୁଧାଂଶୁବାଳା ସାହୁ, ମମତାମୟୀ ସୁନା, ସାଇପ୍ରତିଭା ପ୍ରଧାନ, ଅର୍ପିତା ଡୋରା ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଭାରତୀ ସିଂହ, ଜୟଶ୍ରୀ ସାବତ, ସବିନା ମହନ୍ତ, ଜୟଶ୍ରୀ ବିଶ୍ୱାଳ, ଭାଗ୍ୟଲକ୍ଷ୍ମୀ ଜେନା, ଅଶୋକ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଗରିକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆପଡା ଜିଲ୍ଲାର ମହିଳା ରାଜମିସ୍ତ୍ରୀ ପଦ୍ମିନୀ ରଣା



ନୂଆପଡା, (ନିପ୍ର) : ସବୁବେଳେ କଥା କଥାରେ ପୁରୁଷ ଓ ମହିଳାଙ୍କ କାମକୁ ନେଇ ବହୁତ ସ୍ଥାନରେ ତୁଳନା କରାଯାଏ । ଏହି କାମ ମହିଳାମାନେ କରିପାରନ୍ତି ନାହିଁ, ପୁରୁଷମାନେ କରିପାରନ୍ତି । ଏମିତି କଥା ସବୁବେଳ ଶୁଣିବାକୁ ମିଳେ । ଏପରି ଏକ ଦୃଶ୍ୟ ଦେଖିବାକୁ ମଳିଛି ନୂଆପଡା ଜିଲ୍ଲା କୋମନା ବ୍ଲକ ନୂଆଗାଁର ଝିଅ ପଦ୍ମିନୀ ରଣା ବୟସ(୨୦) ରାଜମିସ୍ତ୍ରୀ କାମ କରି ତାଙ୍କ ପରିବାରର ପ୍ରତିପୋଷଣ କରୁଛନ୍ତି । ସୂଚନା ଅନୁସାରେ ପରିବାର କହିଲେ ତାଙ୍କ ମା' ଓ ନିଜେ ପଦ୍ମିନୀ । ୧୮ ବର୍ଷ ତଳେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା ତାଙ୍କର ୨ଟି ଭଉଣୀ ବିବାହ କରି ସାରିଛନ୍ତି । ପରିବାରରେ ପୁରୁଷ ପିଲା କେହି ନାହାଁନ୍ତି ତେଣୁ ପରିବାର ପ୍ରତିପୋଷଣ କରିବା ପାଇଁ ମିସ୍ତ୍ରୀ କାମ କରୁଛନ୍ତି । ଦିନ ବେଳେ ମିସ୍ତ୍ରୀ କାମ କରନ୍ତି ଓ ରାତ୍ରିରେ ପାଠ ପଢ଼ନ୍ତି । ପଦ୍ମିନୀ ବୃଦ୍ଧି କୋମନା କଲେଜରେ ଯୁକ୍ତ ଦୁଇ କଳାରେ ପାଠ ପଢୁଛନ୍ତି । ପଦ୍ମିନୀ ଚାରି ବର୍ଷ ହେବ ରାଜମିସ୍ତ୍ରୀ କାମ କରି ପରିବାରର ପ୍ରତିପୋଷଣ କରୁଥିବାରୁ ଅଂଚଳର ଜନସାଧାରଣ ପଦ୍ମିନୀଙ୍କ ପ୍ରଶଂସା କରୁଛନ୍ତି ।

# ଲଖିମ୍‌ପୁରରେ ଶାନ୍ତି ଭଙ୍ଗ ଆଶଙ୍କା ପରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଗିରଫ



ସୀତାପୁର : ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀରେ ହୋଇଥିବା ହିଂସା ପରେ ରାଜନୈତିକ ଉତ୍ତେଜନା ଜାରି ରହିଛି ଏବଂ ଶାନ୍ତି ଉଲ୍ଲଂଘନ ଭୟରେ ସୀତାପୁରରେ ପୋଲିସ ହେପାଜତରେ ରଖାଯାଇଥିବା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କୁ ଗିରଫ କରାଯାଇଛି । ଗିରଫ ପରେ ପ୍ରିୟଙ୍କା ଗାନ୍ଧୀଙ୍କୁ ସୀତାପୁରର ଏକ ଅସ୍ଥାୟୀ ଜେଲରେ ରଖାଯାଇଛି । ସୂଚନା ଅନୁସାରେ ଆଇପିସିର ଧାରା ୧୫୧, ୧୦୭, ୧୧୬ ଅନୁଯାୟୀ ପ୍ରିୟଙ୍କା ଗାନ୍ଧୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି । ପ୍ରିୟଙ୍କା ଗାନ୍ଧୀଙ୍କ ପାଇଁ ପିଏସି ଗେଷ୍ଟ ହାଉସକୁ ଏକ ଅସ୍ଥାୟୀ ଜେଲ କରାଯାଇଛି । ଏହାପୂର୍ବରୁ ପ୍ରିୟଙ୍କା ଲକ୍ଷ୍ମୀପୁର ଖେରୀ ଅଭିମୁଖେ ଯାଉଥିଲେ, ଯେଉଁଠାରେ ସେ ହିଂସାରେ ନିହତ କୃଷକଙ୍କ ପରିବାରକୁ ଭେଟିବା କାର୍ଯ୍ୟକ୍ରମ ରହିଥିଲା । ଗିରଫ ପୂର୍ବରୁ ପ୍ରିୟଙ୍କା ଗାନ୍ଧୀ ଲଖିମପୁର ହିଂସାରେ ଚାଷୀଙ୍କୁ ଜିପ୍ ଦ୍ୱାରା ଦଳି ଦିଆଯାଉଥିବା ଏକ ଭିଡିଓ ସେୟାର କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲେଖିଥିଲେ, 'ନରେନ୍ଦ୍ର ମୋଦୀ ଜୀ, ଆପଣଙ୍କ ସରକାର ବିନା କୌଣସି ଆଦେଶ ଏବଂ ଏଫଆଇଆରରେ ମୋତେ ହେପାଜତରେ ରଖିଛି ଦୀର୍ଘ ୨୮ ଘଂଟା ହେଲା । ଅଥଚ ଅନ୍ନଦାତାଙ୍କୁ ଦଳି ଦେଇଥିବା ଦୋଷୀମାନଙ୍କୁ କାହିଁକି ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ?'

# ଚାଲିଗଲେ ସମୁଦ୍ରମ୍‌ର ସଭାପତି ବି ଚିତ୍ତାମ୍ମା

ଭୁବନେଶ୍ୱର, (କେପିଏନ୍ଏସ୍) : ଚାଲିଗଲେ ସମୁଦ୍ରମ୍‌ର ସଭାପତି ଗୋପାଳପୁରର ବି ଚିତ୍ତାମ୍ମା ।

ମୁଣ୍ଡରେ ମାଛ ବୋହି ଗାଁକୁ ଗାଁ ବୁଲି ବିକ୍ରି କରୁଥିବା ଧୀବର ମହିଳାଙ୍କ ଦୁଃଖକୁ ନିଜ ଜୀବନରେ ପ୍ରତ୍ୟକ୍ଷ କରିଥିବା ଏହି ଅପାଠୁଆ ମହାନ୍ ମହିଳା ରାଜ୍ୟର ୬ଟି ଉପକୂଳ ଜିଲ୍ଲାରେ ହଜାର ହଜାର ମହିଳାଙ୍କ ଅଂଶୀଦାର କରାଇ ସମୁଦ୍ରମ୍ ନାମରେ ଆରମ୍ଭ କରିଥିଲେ ସଂଗଠିତ ମାଛ ବ୍ୟବସାୟ । ବି ଚିତ୍ତାମ୍ମା ଡଙ୍ଗା, ଜାଲ, ନିଜର ଶୀତଳିକରଣ ଗୃହ, ଗାଡ଼ି ଆଦିର ବ୍ୟବସ୍ଥା କରି ବ୍ୟବସାୟକ ଦେଇ ପାରିଥିଲେ ନୂଆ ରୂପ । ସମୁଦ୍ର ପରିବେଶର ସୁରକ୍ଷା ଦିଗରେ ତାଙ୍କର ଅବଦାନ ପାଇଁ ସେ ୟୁ ଏନ୍ ଆୱାର୍ଡ଼ ପ୍ରାପ୍ତ ହୋଇଥିଲେ । ଅପାଠୁଆ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ ଦିଗରେ ଚିତ୍ତାମ୍ମା ଜଣେ ଜ୍ୱଳନ୍ତ ଉଦାହରଣ ସାଜିଥିଲେ ।

# ଅସଦାଚରଣକୁ ବିରୋଧ କରିବାରୁ ମହିଳାଙ୍କୁ ଗଳା କାଟି ନୃଶଂସ ହତ୍ୟା

ନୂଆଦିଲ୍ଲୀ : ଦାବ୍ରି ଅଂଚଳରେ ଜଣେ ମଦ୍ୟପ ବ୍ୟକ୍ତି ଅଶ୍ଳୀଳତାକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ଗଳା କାଟି ହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ଏହି ଘଟଣା ଘଟାଇବା ପରେ ଅଭିଯୁକ୍ତ ତା' ଘରକୁ ପଳାଉଥିଲା । କିନ୍ତୁ ସେଠାରେ ଉପସ୍ଥିତ ଥିବା ଲୋକମାନେ ଅଭିଯୁକ୍ତକୁ ଧରି ତାଙ୍କୁ ଉତ୍ତମ ମଧ୍ୟମ ପ୍ରହାର କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ କ୍ରୋଧିତ ଲୋକମାନେ ଘଟଣାସ୍ଥଳରେ ପହଂଚିଥିବା ପୋଲିସ ଗାଡିକୁ ମଧ୍ୟ ପଥର ଫିଙ୍ଗିଥିଲେ । ପୋଲିସ କୌଣସି ପ୍ରକାରେ ଆହତ ମହିଳାଙ୍କୁ ଓ ଅଭିଯୁକ୍ତକୁ ଡାକ୍ତରଖାନାକୁ ନେଇଥିଲା ।

ଡାକ୍ତରଖାନାରେ ଡାକ୍ତରମାନେ ମହିଳାଙ୍କୁ ମୃତ ବୋଲି ଘୋଷଣା କରିଥିବା ବେଳେ ପ୍ରବଳ ମାଡ କାରଣରୁ ଅଭିଯୁକ୍ତ ମଧ୍ୟ ଚେତାଶୂନ୍ୟ ଅବସ୍ଥାରେ ରହିଥିବା ସୂଚନା ମିଳିଛି । ପୋଲିସ ହତ୍ୟା ମାମଲା ରୁଜୁ କରିଛି । ଡାକ୍ତରଖାନାରୁ ଡିସଚାର୍ଜ ହେବା ପରେ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି । ପୂରା ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି ।

ସୂଚନା ଅନୁସାରେ ମୃତ ମହିଳାଙ୍କ ନାମ ବିଭା(୩୦) ବୋଲି ଜଣାପଡିଛି । ସେ ତାଙ୍କ ସ୍ୱାମୀଙ୍କ ସହ ଏହି ଅଂଚଳରେ ପନିପରିବା ବିକ୍ରି କରୁଥିଲେ । ତାଙ୍କର ଦୁଇ ଜଣ ସନ୍ତାନ ଅଛନ୍ତି । ରବିବାର ରାତି ପ୍ରାୟ ୧୦ଟା ସମୟରେ ତାଙ୍କ ଦୋକାନରେ ବିଭା ଉପସ୍ଥିତ ଥିଲେ । ଏହି ସମୟରେ ଆଖପାଖ ଅଂଚଳରେ ରହୁଥିବା ଦୀପକ ମଦ୍ୟପାନ କରୁଥିଲା । ଦୀପକ ପ୍ଲମ୍ବର ଭାବରେ କାମ କରେ । ସେ ମହିଳାଙ୍କୁ କିଛି ଅଶାଳୀନ କଥା କହିଥିଲେ । ମହିଳା ଜଣକ ଏହାକୁ ବିରୋଧ କରି ପଥର ଓ ଝାଡୁ ସାହାଯ୍ୟରେ ତାକୁ ଘଉଡ଼େଇବାକୁ ଚେଷ୍ଟା କରିଥିଲେ । ଦୀପକ ପଛକୁ ଯାଇ ତା' ଉପକରଣ ବାକ୍ସରୁ ଏକ ଧାରୁଆ ଅସ୍ତ୍ର ବାହାର କରି ମହିଳାଙ୍କ ଗଳାକୁ କାଟି ଦେଇଥିଲା ।

ତେବେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏହି ଅପରାଧ କରିବା ପରେ ଦୀପକ ଆରାମରେ ତା ଘରକୁ ଯିବା ଆରମ୍ଭ କରିଥିଲା । ସେପଟେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଅଭିଯୁକ୍ତଙ୍କୁ କାବୁ କରିଥିଲେ । ଏହି ସମୟରେ କେହି ଜଣେ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇ ମହିଳାଙ୍କୁ ଦୀନଦୟାଲ ଉପାଧ୍ୟାୟ ଡାକ୍ତରଖାନାକୁ ନେଇଥିଲେ । ଏଠାରେ କ୍ରୋଧିତ ଲୋକମାନେ ଅଭିଯୁକ୍ତ ଦିଲୀପଙ୍କୁ ପ୍ରହାର କରିଥିଲେ ।



କ୍ରୋଧିତ ଲୋକମାନେ ଘଟଣାସ୍ଥଳରେ ପହଂଚିଥିବା ପୋଲିସ ଗାଡି ଉପରକୁ ମଧ୍ୟ ପଥର ଫିଙ୍ଗିଥିଲେ । ପୋଲିସ ଲୋକଙ୍କୁ ଶାନ୍ତ କରି ଅଭିଯୁକ୍ତକୁ ଗିରଫ କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା ।

# ଏମ୍‌ବିବିଏସ୍ ଛାତ୍ରୀ ନିରୁପମା ନନ୍ଦଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚର୍ଚ୍ଚା : ଆତ୍ମହତ୍ୟା ନା ହତ୍ୟା



ବଲାଙ୍ଗିର, (ନିପ୍ର) : ଏମବିବିଏସ୍ ଛାତ୍ରୀ ନିରୁପମା ନନ୍ଦଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଏବେ ସହରରେ ଚର୍ଚ୍ଚା ଜୋର୍ ଧରିଛି । ବାସ୍ତବରେ ନିରୁପମା ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ମାରି ଆତ୍ମହତ୍ୟାର ରୂପ ଦେଇଛି ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେବେ ପୋଲିସ ଏହାର ତଦନ୍ତ କରୁଥିବା ବେଳେ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ନିରୁପମାକୁ ପୂର୍ବରୁ ପୁରୁଷ ବନ୍ଧୁ ଅନ୍ତରାମ ମିଶ୍ର ବିଭିନ୍ନ ସମୟରେ ଫୋନ୍ କରି ମାନସିକ ସ୍ତରରେ ଚାପ ପକାଉଥିବା ନେଇ ଘରେ ଜଣାଇଥିବା ବେଳେ ଘଟଣା ପାଇଁ ସନ୍ଦେହ କରି ଅନ୍ତରାମକୁ ଦାୟୀ କରିଛନ୍ତି ପରିବାର ଲୋକେ । ଘଟଣା ଦିନ ରାତିରେ ନିରୁପମାଙ୍କୁ ଶେଷ କଲ୍ କିଏ କରିଥିଲା ଏବଂ ନିରୁପମା ଆତ୍ମହତ୍ୟା କରୁଥିବା କଥା ଜାଣି ହଷ୍ଟେଲକୁ କଲ୍ କରି ଜଣାଇଥିଲେ କିଏ । ଏସବୁ ଦିଗକୁ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ବୋଲି ଘଟଣା ଉପରୁ ପରଦା ହଟିବ । ଏବେ ଅନୁପମାଙ୍କ ମୋବାଇଲ ମଧ୍ୟ ପୋଲିସ ହାତରେ ଲାଗିଛି ଓ ପୋଲିସ ଖୋଜୁଛି ଘଟଣାର ଅସଲ କାରଣର ମୂଳ । ଏବେ ସହରବାସୀ ଟାକି ବସିଛନ୍ତି ନିରୁପମାଙ୍କ ମୃତ୍ୟୁ ରହସ୍ୟ ଜାଣିବା ପାଇଁ । ଦେଖାଯାଉ ଘଟଣା କେଉଁଠି ପହଞ୍ଚୁଛି । ସୂଚନା ଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲା ଲୁକାପଡା ଗ୍ରାମର ମୂଳବାସିନ୍ଦା ହେଉଛନ୍ତି ସମାରୁ ନନ୍ଦ । ଯିଏ କି ମୃତ ନିରୁପମାଙ୍କ ବାପା । କିନ୍ତୁ ଏବେ ସିଭିଲ୍ କୋର୍ଟ ପଛ ପଟେ ନିଜ ପରିବାର ସହ ରହୁଛନ୍ତି ସମାରୁ ନନ୍ଦ ଅର୍ଥାତ ମୃତ ନିରୁପମାଙ୍କ ପରିବାରଲୋକେ । ତେବେ ନିରୁପମା ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ । ଘରକୁ ସପ୍ତାହରେ ଥରେ ଆସୁଥିଲେ । ସବୁଦିନ ଭଳି ଘଟଣା ଦିନ ମଧ୍ୟ ବାପା-ମାଆ, ଭାଇ ଭଉଣୀମାନଙ୍କ ସହ ଭିଡିଓ କଲ୍‌ରେ ରାତି ୧୧ଟା ୨୭ ମିନିଟ୍ ଯାଏଁ ହସ ଖୁସିରେ କଥା ହୋଇଥିଲେ । ହେଲେ ଠିକ୍ ୧୧ଟା ୪୫ରୁ ୫୦ ମିନିଟ୍ ମଧ୍ୟରେ ହଷ୍ଟେଲ ୱାର୍ଡେନ୍ ନିରୁପମା ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କୁ ଜଣାଇଥିଲେ । ଏମିତି କ'ଣ ଘଟିଲା ଯାହା ଫଳରେ ନିରୁପମା ୧୮ ମିନିଟ୍ ଭିତରେ ଆତ୍ମହତ୍ୟା କଲେ । ଯାହାକୁ ପରିବାର ଲୋକେ ସହଯରେ ବିଶ୍ୱାସ କରିପାରୁ ନାହାନ୍ତି । ଅନ୍ୟପଟେ ଘର ଲୋକଙ୍କ ସହ କଥା ହେବା ପରେ ଘଟଣା ଦିନ କାହା ସହ କଥା ହୋଇଥିଲେ ନିରୁପମା । ତେବେ କିଏ ସେ ଯୁବକ ଯିଏ ନିରୁପମା ଆତ୍ମହତ୍ୟା କରୁଥିବା କଥା ହଷ୍ଟେଲକୁ ଜଣାଇଥିଲେ । ଏବେ ପ୍ରଶ୍ନ ଉଠୁଛି ଯେ, ଫୋନ କରି ଆତ୍ମହତ୍ୟା କରୁଥିବା ଜଣାଇଥିବା ଯୁବକ ଜଣକ ଅନ୍ତରାମ ନା ଆଉ କିଏ ? ଏହା ଏବେ ଚର୍ଚ୍ଚାରେ ରହିଛି ସାରା ସହରରେ ।

# ଏକ ଦିବସୀୟ କଂପ୍ୟୁଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ବଲାଙ୍ଗିର, (କେପିଏନ୍‌ଏସ୍) : ନିଜ ଆଦର୍ଶ 'ସେବା ଓ ନିଷ୍ଠା' ଆଧାରରେ ସିଆର୍‌ପିଏଫ୍ ଅଧିକାରୀ ଓ କର୍ମଚାରୀମାନେ ନିଜ ପରିବାର ଠାରୁ ଦୂରରେ ରହି ନିଃସ୍ୱାର୍ଥ ଭାବରେ ରାଷ୍ଟ୍ରର ସେବା କରି ଆସୁଛନ୍ତି । ସେବା ପ୍ରଦାନ ପୂର୍ବକ ଗତକାଲି ବଲାଙ୍ଗିର ଶାନ୍ତିପଡ଼ା ସ୍ଥିତ ୧୮୯ ବାଟାଲିଅନ୍ ସିଆର୍‌ପିଏଫ୍ ପକ୍ଷରୁ ବିଶେଷ କଂପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ଏକ ଦିବସୀୟ କଂପ୍ୟୁଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଆଖପାଖର ଶିକ୍ଷା ପ୍ରତିଷ୍ଠାନ ଯଥା ଆଇଟିଆଇ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । କମାଣ୍ଡେଣ୍ଟ ପଓ୍ୱନ କୁମାର ତିୱାରୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ କଂପ୍ୟୁଟର ପ୍ରଶିକ୍ଷଣ ପାଇଁ ଇଚ୍ଛାପ୍ରକାଶ କରିଥିବାରୁ ଶୁଭେଚ୍ଛା ଜଣାଇଥିଲେ ଓ ଆଜିର ସମୟ ସହ ନିଜକୁ ସାମିଲ୍ କରି କଂପ୍ୟୁଟର ପ୍ରଶିକ୍ଷଣ ପ୍ରତି ଆକର୍ଷିତ ହେବାକୁ ପ୍ରୋତ୍ସାହିତ କରିଥିଲେ । ସିଆର୍‌ପିଏଫ୍‌ର ସବ୍ ଇନ୍ସପେକ୍ଟର (ଟେକ୍‌ନିକାଲ୍) ସୃଷ୍ଟି କୁମାର (ସଫ୍ଟୱେର୍ ଇଂଜିନିଅର) ଏବଂ ୧୮୯ ବାଟାଲିଅନ୍‌ର ଟେକ୍‌ନିକାଲ୍ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସଂଚାଳନ ହୋଇଥିଲା । ଏହି ଅବସରରେ ସିଆର୍‌ପିଏଫ୍ ଅଧିକାରୀ ପ୍ରାଣକୃଷ୍ଣ ସାହୁ, ପୀତବାସ ପଣ୍ଡା, ଡେପୁଟି କମାଣ୍ଡେଣ୍ଟବିନୋଦ କୁମାର ଟଣ୍ଡନଙ୍କ ସହ ସିଆର୍‌ପିଏଫ୍ ଯବାନ୍‌ମାନେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଶାନ୍ତିପଡ଼ା ସ୍ଥିତ ୧୮୯ ବାଟାଲିଅନ୍ ସିଆର୍‌ପିଏଫ୍ ପକ୍ଷରୁ ବିଶେଷ କଂପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ୨୦୧୮ ମସିହାରୁ ସକ୍ରିୟ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ୪୩ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମରେ ପ୍ରଶିକ୍ଷିତ କରାଯାଇ ସାରିଛି । ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କୁ ଏହି ଆଧାରରେ ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯାଇଛି ।

# ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ : ବଲାଙ୍ଗିର ଶ୍ରେଷ୍ଠ ସାଂଗଠନିକ ଜିଲ୍ଲା ଓ ଅଙ୍କିତ ସାହୁ ଶ୍ରେଷ୍ଠ ସଭାପତି

ବଲାଙ୍ଗିର, (ନିପ୍ର) : ଭୁବନେଶ୍ୱର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟଠାରେ ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ କମିଟି (ଏନଏସ୍‌ୟୁଆଇ)ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସଭାପତି ୟାସିର ନୱାଜଙ୍କ ସଭାପତିତ୍ୱରେ ଅୟୋଜିତ ଏହି ସଭାରେ ବଲାଙ୍ଗିର ଜିଲ୍ଲାକୁ ଛାତ୍ର ସଂଗଠନ କ୍ଷେତ୍ରରେ ଶ୍ରେଷ୍ଠ ଜିଲ୍ଲା ଓ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କୁ ସାରା ରାଜ୍ୟରେ ଶ୍ରେଷ୍ଠ ସଭାପତି ଭାବେ ଘୋଷଣା କରାଯାଇଥିଲା । ପ୍ରଦେଶ ସଭାପତି ନୱାଜ ଅଙ୍କିତ ସାହୁଙ୍କୁ ଏକ ଟ୍ରଫୀ ପ୍ରଦାନ କରିବା ସହିତ କୋଭିଡ ସମୟରେ ଲୋକଙ୍କ ପାଇଁ ଅଥକ ପ୍ରୟାସକୁ ନେଇ ଖୁବ ପ୍ରସଂଶା କରିଥିଲେ । ଯଦି ଛାତ୍ର କଂଗ୍ରେସ ଏହି ଭଳି ଛାତ୍ର ଯୁବକ କୃଷକ ଶ୍ରମିକର ସମସ୍ୟାକୁ ନେଇ ଲଢେଇ ଜାରି ରଖିବାକୁ ସଫଳ ହେବ, ତେବେ ଦେଶବାସୀଙ୍କ ମନରେ ପୁଣୀ କଂଗ୍ରେସ ସ୍ଥାନ ପାଇ ପାରିବ ବୋଲି ଶ୍ରୀ ନୱାଜ ମତବ୍ୟକ୍ତ କରିଥିଲେ । ଏହି ସଭାରେ କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, ପୁର୍ବତନ ବାଙ୍କି ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ସାଧାରଣ ସଂପାଦକ ରଜତ ଚୌଧୁରୀ, ରାଷ୍ଟ୍ରୀୟ ସଂପାଦକ ତଥା ଓଡିଶା ପ୍ରଭାରୀ ଅନୁଲେଖା ବୋଶା ପ୍ରମୁଖ ମଞ୍ଚସୀନ ଥିଲେ । ଏହି ଅବସରରେ ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି ସାଧାରଣ ସଂପାଦକ ସମରେନ୍ଦ୍ର ମିଶ୍ର, ରାଷ୍ଟ୍ରୀୟ ସଭାପତି ନିରଜ କୁନ୍ଦନ, ଓଡିଶା ପ୍ରଭାରୀ ଅନୁଲେଖା ବୋଶା ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଲଳିତ ନାୟକଙ୍କ ସ୍ମୃତିରକ୍ଷା ପାଇଁ ନିର୍ମିତ ହେବ ବ୍ରୋଞ୍ଜ ପ୍ରତିମୂର୍ତ୍ତି



ବଲାଙ୍ଗିର, (ନିପ୍ର) : ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ସ୍ମୃତିରକ୍ଷା ପାଇଁ ସହରର ପ୍ରମୁଖ ଛକରେ ଏକ ପୂର୍ଣ୍ଣ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଲାଗିବ । ଆସନ୍ତା ଜାନୁୟାରୀ ୧୧ ତାରିଖ ସ୍ୱର୍ଗତ ନାୟକଙ୍କ ଜନ୍ମ ବାର୍ଷିକ ଅବସରରେ ଏହି ପ୍ରତିମୂର୍ତ୍ତି ଉନ୍‌ମୋଚନ ହେବ । ଏନେଇ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରମିକ ମଙ୍ଗଳ ଭବନ ପରିସରରେ ଏକ ବୈଠକରେ ନିଷ୍ପତି ହୋଇଥିଲା । ବୈଠକକୁ ସମାଜସେବୀ ଡ଼. ଶ୍ରୀକର ମିଶ୍ର ସଭାପତିତ୍ୱ କରିଥିଲେ । ସତ୍ୟ ସୁନ୍ଦର ଭଞ୍ଜଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଲଳିତ ପ୍ରେମୀ ଯୋଗଦାନ କରି ସ୍ୱର୍ଗତ ନାୟକଙ୍କ ସ୍ମୃତିରକ୍ଷା ଲାଗି ଅନେକ ପ୍ରସ୍ତାବ ଦେଇଥିଲେ ।

ଲଳିତ ନାୟକଙ୍କ ପ୍ରତିଭା ଓ ତ୍ୟାଗକୁ ପ୍ରସାରିତ କରିବା ପାଇଁ ସ୍ମୃତି କମିଟି ବହୁବିଧ କାର୍ଯ୍ୟ ହାତକୁ ନେଇଛି । କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି । ଜ୍ୟୋତିରଞ୍ଜନ ନାୟକ, ଅଧ୍ୟକ୍ଷ ରହିଥିବା ବେଳେ ପ୍ରଭାଷ କୁମାର ପାଣିଗ୍ରାହୀ ସଭାପତି ଓ ପ୍ରଭାକର ମିଶ୍ର ସମ୍ପାଦକ ରହିଛନ୍ତି । ଏହି ତିନି କାର୍ଯ୍ୟକର୍ତ୍ତାଙ୍କ ନାମରେ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି । ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରଥମେ ବ୍ୟକ୍ତିଗତ ଭାବେ ଡ଼. ଶ୍ରୀକର ମିଶ୍ର ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ସେହିପରି ସମାଜସେବୀ ଉଦିତ ଚନ୍ଦ୍ର ପଣ୍ଡା, କୁନୁ ପଣ୍ଡା, ଚାଇନା ମହାନ୍ତି, ରତନ ମହାରଣା, ଭବାନୀ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରତାପଚନ୍ଦ୍ର ରଥ, ଧର୍ମେନ୍ଦ୍ର ନନ୍ଦ, ସୁରୁ ମଟାରୀ, କୁନୁ ଯୋଷୀ, ଅଶୋକ ରଥ, ନରି ପୂଜାରୀ, ବିରେନ୍ଦ୍ର ଝାଙ୍କର, କିଶୋର ମିଶ୍ର, ଦେବାଶିଷ ମିଶ୍ର, ସୋମନାଥ ମିଶ୍ର, ବିବେକାନନ୍ଦ ପଟେଲ, ଅମୂଲ୍ୟ ସେଠ, ଘନ ପଶାୟତ, ପ୍ରଶାନ୍ତ ମହାକୁର, ସୁନିଲ ବିଶ୍ୱାଳ, ଅଙ୍କୁଶ ପାଣ୍ଡିଆ, ବବୁଲୁ ନାୟକ, ବାବୁଲା ଭଞ୍ଜ ପ୍ରମୁଖ ସହାୟତା ଘୋଷଣା କରିଛନ୍ତି । ସବୁ ବର୍ଗର ଲୋକଙ୍କ ସହାୟତା ନେଇ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି । କାରଣ ଲଳିତ ଥିଲେ କୋଟିଏ ହୃଦୟର ଗୋଟିଏ ନାୟକ ଓ ଶ୍ରମିକମାନଙ୍କ ତ୍ରାଣକର୍ତ୍ତା ।




# ପ୍ରାଣୀଧନ ଚିକିତ୍ସା ବୈଷୟିକ କର୍ମଚାରୀମାନଙ୍କ ଧର୍ମଘଟ

ବଲାଙ୍ଗିର, (ନିପ୍ର) : ଓଡିଶା ରାଜ୍ୟ ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଓଡିଶା ସଂଘର ନିଷ୍ପତ୍ତି କ୍ରମେ ତା୦୪/୧୦/୨୦୨୧ ରିଖ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବଲାଙ୍ଗିର ଆନୁକୂଲ୍ୟରେ ରାଜ୍ୟ ସଂଗଠନ ସଂପାଦକ ତଥା ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଓ ସଂଜୟ ସାହୁଙ୍କ ଆବହକତ୍ୱରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି ସଂଘ ଦୀର୍ଘ ଦିନର ଦାବୀ ଯାହା ସରକାରଙ୍କ ପାଖରେ ବିଗତ ତିନି ବର୍ଷ ହେଲା ଦାବୀ ହୋଇ ଆସୁଅଛି ଯଥା କ୍ୟାଡର ପୁର୍ନଃବିନ୍ୟାସ, କ୍ୟାଡର ନିଯୁକ୍ତି ସର୍ତ୍ତାବଳୀ ଇତ୍ୟାଦି, କିନ୍ତୁ ଦୁଃଖ ତଥା ପରିତାପର ବିଷୟ ଆଜି ସୁଦ୍ଧା ଯେହେତୁ ଏହି ସଂଘର ଦାବୀ ହାସଲ ହୋଇନାହିଁ । ଏଣୁ ବାଧ ହୋଇ ସଂଘ ଆସନ୍ତା ତା.୦୫/୧୦/୨୦୨୧ ରିଖରୁ ଓଡିଶାର ସମସ୍ତ ପ୍ରାଣୀଧନ ନୀରିକ୍ଷକମାନେ କଳାବ୍ୟାଚ ବିନ୍ଧିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଏହି କ୍ୟାଡର ଦାବୀକୁ ସହୃଦୟତାର ସହିତ ବିଚ଼ାର କରିବେ ବୋଲି ଆଶା ଓ ବିଶ୍ୱାସ କରାଯାଉଛି । ବଲାଙ୍ଗିର ଜିଲ୍ଲାର ପ୍ରାୟ ସମସ୍ତ ବରିଷ୍ଠ କର୍ମକର୍ତ୍ତା ଯଥା ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଆନନ୍ଦ ସାମନ୍ତ ରାଏ, ଶଙ୍କର ମେହେର, ସୂର୍ଯ୍ୟକାନ୍ତ ସାହୁ, ଲୁନ୍ଧୁ ଛତ୍ରିଆ, ମନୋରଞ୍ଜନ ନନ୍ଦ, ସଂଯୁକ୍ତା ମହାନ୍ତି, କୁମାରୀ ରିଙ୍କି ପଟେଲ ଇତ୍ୟାଦି କର୍ମକର୍ତ୍ତା ଯୋଗ ଦେଇଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu